BAGEESHA

# ବାଗୀଶ

ମାର୍ଚ୍ଚ - ଅପ୍ରେଲ୍ ୨୦୨୩



# ବାଗୀଶ

## BAGEESHA

ସମାଲୋଚନାଧର୍ମୀ ଇ-ପତ୍ରିକା

ପ୍ରଥମ ବର୍ଷ, ଦ୍ୱିତୀୟ ସଂଖ୍ୟା
ମାର୍ଚ୍ଚ - ଏପ୍ରିଲ୍ ୨୦୨୩

Volume No. 01
Issue No. 02
March - April 2023

ଯୋଗାଯୋଗ
ବି. କେ ହାଉସ, ଗ୍ରାଉଣ୍ଡ ଫ୍ଲୋର୍, ମହିଳା
ମହାବିଦ୍ୟାଳୟ ଲେନ୍, ନୟାଗଡ଼ - ୭୫୨୦୬୯

E-mail :
bageesha.magazine@gmail.com
Phone No. 9337166172



॥ ଓମ୍ ଗଣେଶାୟ ନମଃ ॥

---

ପ୍ରତିଷ୍ଠାତା - ସଂପାଦକ
**ବିକେଶ ସାହୁ**

---

Founder & Editor
**Bikesh Sahu**

Edited and E-Published
By
**Sri Bikesh Sahu**
B.K House, Ground Floor
Women's College Lane
Nayagarh- 752069

ବାଗୀଶ

BAGEESHA

ସମାଲୋଚନାଧର୍ମୀ ଇ-ପତ୍ରିକା

**କାର୍ଯ୍ୟନିର୍ବାହୀ ସଂପାଦକ**
ରିତମ୍ ମିଶ୍ର

**ସଂପାଦନା ଓ କ୍ଷେତ୍ରୀୟ ସଂଯୋଜନା**

**କନକ ବର୍ଦ୍ଧନ ସାହୁ**
ଗବେଷକ, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

**ତୃପ୍ତିମୟୀ ଭୋଇ**
ଗବେଷିକା, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ବୁର୍ଲା

**ସଙ୍ଘମିତ୍ରା ଦାସ**
ଗବେଷିକା, ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦା

**ସୁବାସ ଚନ୍ଦ୍ର ଭୋଇ**
ଗବେଷକ, ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, କଲିକତା

**ପ୍ରଭାସ ଚନ୍ଦ୍ର ଟୋଲଟିଆ**
ଗବେଷକ, କଳାହାଣ୍ଡି ବିଶ୍ୱବିଦ୍ୟାଳୟ, ଭବାନିପାଟଣା

## ଆମ କଥା

- 'ବାଗୀଶ' ଏକ ଦ୍ୱି-ମାସିକ ଗବେଷଣା ଓ ଆଲୋଚନାଧର୍ମୀ ଇ-ପତ୍ରିକା।
- 'ବାଗୀଶ'ର ସ୍ୱତନ୍ତ୍ର ଗବେଷଣା ବିଭାଗରେ ସାହିତ୍ୟ, ସମାଜ, ସଂସ୍କୃତି, କଳା, ଇତିହାସ, ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ଆଲୋଚନା ପ୍ରକାଶିତ ହୋଇଥାଏ।
- 'ବାଗୀଶ' ଯୁବପୀଢ଼ିଙ୍କୁ ଗବେଷଣାମନସ୍କ କରିବା ନିମନ୍ତେ ପ୍ରୟାସ କରିବା ସହ ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି।
- 'ବାଗୀଶ' ନିମ୍ନ ନିର୍ଦ୍ଦେଶିତ ବିଭାଗଗୁଡ଼ିକରେ ସମୃଦ୍ଧ :

**ପ୍ରବନ୍ଧ ଓ ଆଲୋଚନା ବିଭାଗ** : ଏହି ବିଭାଗ ନିମନ୍ତେ ଆପଣ ଯେକୌଣସି ମୌଳିକ ପ୍ରବନ୍ଧ ଓ ଆଲୋଚନା ଦେଇପାରିବେ ।

**ନୂଆ ବହି** : ଏହି ବିଭାଗ ପାଇଁ ସଦ୍ୟ ପ୍ରକାଶିତ ପୁସ୍ତକ ଖଣ୍ଡିଏ ଲେଖକ କିମ୍ବା ପ୍ରକାଶକ ଆମ ଠିକଣାରେ ପଠେଇବାକୁ ହେବ। ପ୍ରାପ୍ତ ପୁସ୍ତକର ଏକ କ୍ଷୁଦ୍ର ସୂଚନାତ୍ମକ ବିବରଣୀ ସହ ଏହାକୁ ପତ୍ରିକାରେ ଉପସ୍ଥାପନ କରାଯିବ। ଏହି ବିଭାଗ ନିମନ୍ତେ ପ୍ରତି ବହି ପାଇଁ ପତ୍ରିକାର ଗୋଟିଏ ଫର୍ଦ୍ଦ ଆମେ ସଂରକ୍ଷିତ ରଖିଛୁ।

**'ବାଗୀଶ' ବରେଣ୍ୟ** : ପ୍ରତି ସଂଖ୍ୟାରେ ସଂପାଦନା ମଣ୍ଡଳୀଙ୍କ ଦ୍ୱାରା ଜଣେ ବରିଷ୍ଠ ସମାଲୋଚକଙ୍କ ସହ ସାକ୍ଷାତକାର ପ୍ରକାଶିତ ହୁଏ।

**ଦ୍ରଷ୍ଟବ୍ୟ** : ଲେଖାଟି ଓଡ଼ିଆ ୟୁନିକୋଡ଼ରେ ଡ଼ିଟିପି ହୋଇଥିବା ଆବଶ୍ୟକ। ଲେଖା ସହ ଲେଖକଙ୍କ ସଂକ୍ଷିପ୍ତ ପରିଚୟ, ଏକ ପାସପୋର୍ଟ ଫୋଟୋ (କବିତା ବିଭାଗ ପାଇଁ ଯେକୌଣସି ଫୋଟୋ ହେଲେ ଚଳିବ) ଓ ଯୋଗାଯୋଗ ରହିବା ଆବଶ୍ୟକ।

ଲେଖା ଦେବା ପାଇଁ ଇ-ମେଲ : bageesha.magazine@gmail.com। ବହି ପଠେଇବା ପାଇଁ ଠିକଣା :ବିକେଶ ସାହୁ, ସଂପାଦକ 'ବାଗୀଶ', ବି. କେ ହାଉସ, ଗ୍ରାଉଣ୍ଡ ଫ୍ଲୋର୍, ମହିଳା ମହାବିଦ୍ୟାଳୟ ଲେନ୍, ନୟାଗଡ଼ - ୭୫୨୦୬୯ ।

# ସଂପାଦକୀୟ


ବନ୍ଧୁଗଣ! ସମୟ ଆଜି ବଡ଼ ବିଷମ। ବ୍ୟସ୍ତବହୁଳ ଜୀବନଚର୍ଯ୍ୟା ଭିତରେ ଆମେ ସମସ୍ତେ କେବଳ ଏକ ମୁହାଁ ଦୌଡୁଛେ। ଯେମିତି ଏ ଦୌଡ଼ର ଆଉ ଶେଷ ନାହିଁ। ଅନନ୍ତକାଳ ପାଇଁ ଏ ଦୌଡ଼ ଏମିତି ଅବ୍ୟାହତ ରହିବା ହିଁ ଆମର ନିୟତି। ନିଜ ଆଖପାଖର ପ୍ରତିଯୋଗୀମାନଙ୍କ ଭିଡ଼ରେ ପଛରେ ପଡ଼ିଯିବାର ଭୟ ଆଉ ନିଜକୁ ସବୁଠୁ ଆଗରେ ଦେଖିବାର ମୋହ ଭିତରେ ଆମେ ସମୟର କ୍ରୂର ଚକ୍ରାନ୍ତରେ ପଡ଼ିଯାଇନାହେଁ ତ ! ସବୁଠି ଖାଲି ମାନବିକତାର ହତ୍ୟା, ବ୍ୟକ୍ତିତ୍ୱର ଲୁଣ୍ଠନ ଆଉ ଆତ୍ମସମ୍ମାନର ଲଣ୍ଠିତ ମସ୍ତକ। ଓଃ! କେତେ ବିଭତ୍ସ ହେବାକୁ ଲାଗିଛି ଏ ଅମୃତଦାୟିନୀ ବସୁଧା ଆଉ ଏ ମାଟିର ମଣିଷମାନଙ୍କର ମାନସିକତା। ବନ୍ଧୁଗଣ! ଏବେ ଚିନ୍ତା କରିବାର ସମୟ ଆସିଛି। ଏ ଅନୁସରଣ ଆଉ ଅନୁକରଣର ବୃଥା ଦୌଡ଼ରୁ ଆମକୁ ଅବ୍ୟାହତି ନେବାକୁ ହେବ। ଏ ଧରାବନ୍ଧା ଜୀବନରୁ ନିଜକୁ ମୁକ୍ତକରି ଅମୃତ ପଥର ଯାତ୍ରୀ ହେବାକୁ ହେବ। ଏହି ସଭାବନା ହିଁ ମୋର କାମ୍ୟ।

ଏ ପରିପ୍ରେକ୍ଷୀରେ ମୁଁ ଆଉ ଗୋଟେ କଥା କହିବାକୁ ଚାହିଁବି। କଥା ତ ନୁହେଁ, ଏ ମୋର ହୃଦୟର ବ୍ୟଥା। ଏହାର ଅନ୍ତ କୋଉଠି  ମୁଁ ଜାଣିନି ! ବେଳେବେଳେ ମୋ ମନ ଘୋର ଚିନ୍ତାରେ ବ୍ୟତିବ୍ୟସ୍ତ ହୋଇ ନିଜକୁ ନିଜେ ପ୍ରଶ୍ନ କରେ - ଆମେ କେଉଁ ଦିଗକୁ ଯାଉଛେ ! ଏ ଗମନର ଉଦ୍ଦେଶ୍ୟ କ'ଣ? କେଉଁ ମହତ ଆକାଂକ୍ଷାର ଚରିତାର୍ଥ କରିବା ଆମର ଲକ୍ଷ୍ୟ? ବାସ୍ତବିକ ବଡ଼ ଦୁଃସ୍ଥିତିରେ ଆଜି ଆମ ସମାଲୋଚନା ସାହିତ୍ୟ। ଏକ ସର୍ଭେ ରିପୋର୍ଟ ଅନୁଯାୟୀ ଆଜି ସମୟରେ ଲେଖା ହେଉଥିବା ଗବେଷଣାତ୍ମକ ନିବନ୍ଧର ସମୁଦାୟ ୬୦-୭୦ ପ୍ରତିଶତ ଆପଣାର ସ୍ୱାର୍ଥକୁ ଚରିତାର୍ଥ କରିବା ନିମିତ୍ତ। ଆଜି ଆଲୋଚନା କହିଲେ ଚିରାଚରିତ ଢଙ୍ଗରେ ଆତ୍ମସିଦ୍ଧିର ପଥ ପ୍ରସ୍ତୁତ କରିବାର ଏକ ସାଧନ। ଏ ହୀନମନ୍ୟ ଅଧୋଗତି କାହିଁକି? କାହିଁକି ଆମ ପିଢ଼ି କେବଳ ଆଇ.ଏସ୍.ଏସ୍.ଏନ୍(ISSN) ପଞ୍ଜିକୃତ ପତ୍ରିକାରେ ଲେଖା ପ୍ରକାଶନ ନିମିତ୍ତ ନିଜର ଆତ୍ମସମ୍ମାନକୁ ବଳି ଦେବାକୁ ପଛାଉ ନାହାଁନ୍ତି? କାହିଁକି କେବଳ ଜେ.ଆର.ଏଫ(JRF) ପ୍ରାପ୍ତ ପିଲାଙ୍କୁ ହିଁ ଗବେଷଣା କାର୍ଯ୍ୟ ନିମନ୍ତେ ସର୍ବଗୁଣ ସମ୍ପନ୍ନ ବୋଲି ଧାରଣା ସୃଷ୍ଟି କରିଦିଆଯାଉଛି? କାହିଁକି ଗବେଷଣାର ଉପଯୁକ୍ତମାନ ନିର୍ଣ୍ଣୟ କରିବାରେ ଆମେ ସମସ୍ତେ ବିଫଳ? ଆଜି କେବଳ ଅପର ଉପରେ ଦୋଷାରୋପ କରି ଖସି ଯିବା ହିଁ ଆମର ପ୍ରବୃତ୍ତି! ବୃତ୍ତିଗତ ଲାଭ ଆଉ ଆତ୍ମ ଅଭିବୃଦ୍ଧିରେ ଆଜି ସମସ୍ତଙ୍କ ଆଖି, କାନ ଆଉ ପାଟି ବନ୍ଧ। କୁହନ୍ତୁ ତ, ଏ ଅଧୋଗତିର ଚେର କେଉଁଠି ?- କେବେ ଚିନ୍ତା କରିଛନ୍ତି !


ଆଉ ବିଶେଷ କିଛି କହୁନି। ଈଶ୍ୱରଙ୍କଠାରେ ଆମ ସମସ୍ତଙ୍କ ନିମନ୍ତେ କେବଳ ସଦବୁଦ୍ଧି କାମନା କରୁଛି। ନୂତନ ସମ୍ଭାବନା ଆଉ ଉତ୍ତମ ମାନସିକତା ସୃଷ୍ଟି ନିମିତ୍ତ ଆଶାପୋଷଣ କରୁଛି। ସମସ୍ତଙ୍କୁ ଧନ୍ୟବାଦ ଓ କୃତଜ୍ଞତା। ବିଶେଷ ଭାବେ ଆମ ଅନୁରୋଧ ରକ୍ଷାକରି ବିଶିଷ୍ଟ ସମାଲୋଚକ ପ୍ରଫେସର କଇଳାଶ ପଟ୍ଟନାୟକ ମହୋଦୟ ତାଙ୍କର ସାକ୍ଷାତକାର ନିମନ୍ତେ ଆମକୁ ଅନୁମତି ଦେଲେ। ଏ ସୌଭାଗ୍ୟ ପ୍ରଦାନ କରିଥିବାରୁ ତାଙ୍କୁ ଓ ଏ ସୁଯୋଗ ସୃଷ୍ଟି କରିଥିବାରୁ ଉପସ୍ଥାପିକା ଅଧ୍ୟାପିକା ତୃପ୍ତିମୟୀ ଭୋଇଙ୍କ ନିକଟରେ ମୋର ଋଣ ସ୍ୱୀକାର କରୁଛି।

ଶୁଭେଚ୍ଛାର ସହ 'ବାଗୀଶ'ର ଦ୍ୱିତୀୟ ସଂଖ୍ୟା ଆପଣଙ୍କ ହାତରେ ନିବେଦନ କଲି।

ସଂପାଦକ




ପ୍ରଚ୍ଛଦ : ବିକେଶ ସାହୁ



ଚଳିତ ସଂଖ୍ୟାର 'ବାଗୀଶ ବରେଣ୍ୟ'ରେ
ପଢନ୍ତୁ ବିଶିଷ୍ଟ ସମାଲୋଚକ
**ପ୍ରଫେସର କଇଳାଶ ପଟ୍ଟନାୟକଙ୍କ**
ସହ ସ୍ୱତନ୍ତ୍ର ସାକ୍ଷାତକାର

୨୩

# ଏଇ ସଂଖ୍ୟାରେ

## ପ୍ରବନ୍ଧ ଓ ଆଲୋଚନା


୦୬ ॥ **ଢେଙ୍କାନାଳ ପ୍ରଜା ଆନ୍ଦୋଳନ: ବାଜିରାଉତ ଛାତ୍ରାବାସର ସୃଷ୍ଟି ରହସ୍ୟ**
ସନ୍ତୋଷ ଭୋଇ

୧୩ ॥ **ଅର୍ନ୍ତଦ୍ୱନ୍ଦ୍ୱ ଓ ଅନ୍ତରଙ୍ଗତାର ପ୍ରତିଫଳନ: 'ତିରିଶ ବର୍ଷର ଗଳ୍ପ ଓ ଆଳାପ'**
ଶଙ୍ଖଚୂଳ ଦାସ

୧୯ ॥ **ମୁକ୍ତିର ଅନ୍ୱେଷଣରେ ନାଟକ 'ପ୍ରଜାପତିର ଡେଣା' : ଏକ ଦୃଷ୍ଟିପାତ**
ଚିନ୍ମୟ ସାମଲ

୨୫ ॥ **ଯୁବକବି ବିକେଶ ସାହୁଙ୍କ ପହିଲିପୁଲକ : 'ବାପା ଓ ଅନ୍ୟାନ୍ୟ କବିତା'**
ସ୍ୱର୍ଣ୍ଣପ୍ରଭା ଖଟୁଆ


## ବାଗୀଶ ବରେଣ୍ୟ


୨୮ ॥ **ପ୍ରଫେସର କଇଳାଶ ପଟ୍ଟନାୟକଙ୍କ** ସହ ସ୍ୱତନ୍ତ୍ର ସାକ୍ଷାତକାର


## ନୂଆ ବହି


୩୧ ॥ ହୃଷୀକେଶ ମହାରଣାଙ୍କ ଗଳ୍ପ ସଂକଳନ
**ନିଷାଦର ନୈଶାଭିସାର**

୩୧ ॥ ତ୍ରିଲୋଚନ କାର୍ଯୀଙ୍କ ଗଳ୍ପ ସଂକଳନ
**ଗଳ୍ପ ନାୟିକା**

ବାଗୀଶ

ପ୍ରଥମ ବର୍ଷ, ସଂଖ୍ୟା - ୨ । ମାର୍ଚ୍ଚ - ଏପ୍ରିଲ୍ ୨୦୨୩

Volume No. 01 I Issue No. 02 I March - April 2023

# ଢେଙ୍କାନାଳ ପ୍ରଜା ଆନ୍ଦୋଳନ: ବାଜିରାଉତ ଛାତ୍ରାବାସର ସୃଷ୍ଟି ରହସ୍ୟ

■ ସନ୍ତୋଷ ଭୋଇ



ଅଧ୍ୟାପକ, ଏଲ୍.ଏନ୍.ଏସ୍ ମହାବିଦ୍ୟାଳୟ, ଜଗତପୁର କଟକ

ଇଂରେଜ ଶାସନାଧୀନ ହେବା ପୂର୍ବରୁ ମୋଗଲମାନଙ୍କ ସମୟରେ ଓଡିଶାରେ ମୋଗଲବନ୍ଦୀ ଓ ଗଡଜାତ ଭାବରେ ଦୁଇଟି ଶାସନ ବ୍ୟବସ୍ଥା ଦେଖିବାକୁ ମିଳେ। ମୋଗଲମାନଙ୍କ ପ୍ରତ୍ୟକ୍ଷ ଶାସନାଧୀନ ଅଂଚଳକୁ ମୋଗଲବନ୍ଦୀ ଓ ପରୋକ୍ଷ ଶାସନାଧୀନ ଅଂଚଳଗୁଡିକୁ ଗଡ଼ଜାତ କୁହାଯାଉଥିଲା। ଅଥଚ ଏ ଗଡ଼ଜାତା ବା କରଦରାଜ୍ୟଗଡ଼ିକ ଭୌମକର ସମୟରୁ ସୃଷ୍ଟି ହୋଇସାରିଥିଲା। କ୍ରମଶଃ ଗଡ଼ଜାତଗୁଡିକରେ ପ୍ରଜାମାନଙ୍କ ଉପରେ ଅତ୍ୟାଚାର ଓ ଶୋଷଣକୁ ଦେଖି ସେ ସମୟରେ ଏ ଗୁଡିକୁ ଅନ୍ଧାରିମୂଳକ ବୋଲି କୁହାଯାଇ ଏଗୁଡିକୁ ହୁଙ୍କାପିଟା ଶାସନ ବୋଲି କୁହାଯାଉଥିଲା। ଏ କ୍ଷେତ୍ରରେ ଢେଙ୍କାନାଳ ସମଗ୍ର ରାଜ୍ୟରେ ପ୍ରଥମରେ ଥିଲା।

୧୯୧୮ ମସିହାରେ ମହାରାଜ ସୁରପ୍ରତାପଙ୍କ ପରଲୋକ ଗମନ ପରେ ୧୯୨୮ ମସିହା ପର୍ଯ୍ୟନ୍ତ ଢେଙ୍କାନାଳ ରାଜ୍ୟ କୋର୍ଟ ଅଫ୍ ୱାର୍ଡସ୍‌ରେ ରହିଥିଲା। ରାଜ୍ୟରୁ ୧୯୨୮ ମସିହାରେ କୋର୍ଟ ଅଫ୍ ୱାର୍ଡସ୍ ରାଜ୍ୟରୁ ଉଠିଗଲା ପରେ ଶଙ୍କର ପ୍ରତାପଙ୍କ ଶାସନର କଷାଘାତରେ ଢେଙ୍କାନାଳବାସୀ ଅତିଷ୍ଠ ହୋଇପଡିଲେ। ଯାବତୀୟ ଅନ୍ୟାୟ, ଅତ୍ୟାଚାର, ଶୋଷଣ, ବେଠି ବେଗାରି, ନାରୀ ଧର୍ଷଣ,ମିଥ୍ୟା ମକଦ୍ଦମା ଆଦି ମନମୁଖୀ ଶସନ ପ୍ରଜାନୁରଂଜନ ପରିବର୍ତେ ପ୍ରଜା ବିଦ୍ରୋହ ଆଡକୁ ଟାଣିନେଲା। କୁହାଯାଏ ଯେ ଢେଙ୍କାନାଳରେ ତେଇଶି ପ୍ରକାର ବେଠି ପ୍ରଚଳିତ ଥିଲା। ଯାହାର ନଜିର ଦେଖିବାକୁ ମିଳେ ପଟ୍ଟାୟତ (ରାଜାଙ୍କ ସାନ ଭାଇ)ଙ୍କ ସ୍ତ୍ରୀଙ୍କ ନିମନ୍ତେ ନିର୍ମିତ ଯତନ ନଗରରୁ। ଢେଙ୍କାନାଳରେ ପ୍ରଜା ମଣ୍ଡଳ ନେତୃତ୍ୱରେ ଆନ୍ଦୋଳନ ହୋଇସାରିବା ପୂର୍ବରୁ

ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନର ଡାକରାରେ ଢେଙ୍କାନାଳ ଉଚ୍ଚ ବିଦ୍ୟାଳୟ (ସଂପ୍ରତି ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟ)ର ଛାତ୍ରମାନେ (ହରମୋହନ ପଟ୍ଟନାୟକ, ଗତିକୃଷ୍ଣ ଭଂଜ, ଲକ୍ଷ୍ମୀଧର ସାହୁ, ଦୟାନିଧି ପଟ୍ଟନାୟକ ଏବଂ ବୈଷ୍ଣବ ଚରଣ ପଟ୍ଟନାୟକ ପ୍ରମୁଖ) ଶ୍ରେଣୀକକ୍ଷ ବାସନ୍ଦ କରିଥିଲେ। ଢେଙ୍କନାଳରେ ପ୍ରଥମେ ଜାତୀୟତାବାଦୀ ଚିନ୍ତାଧାରା ଢେଙ୍କନାଳ ଉଚ୍ଚ ବିଦ୍ୟାଳୟରୁ ପ୍ରଜ୍ଜ୍ୱଳିତ ହୋଇଥିଲା। ଏହି ଛାତ୍ରମାନେ ସେତେବେଳେ ଓଡ଼ିଶାରେ ସଂଗଠିତ ସାମ୍ରାଜ୍ୟବାଦ ବିରୋଧୀ ଛାତ୍ର ସଂଘ, କଂଗ୍ରସ, କଂଗ୍ରେସ ସମାଜବାଦୀ ଦଳ ସହିତ ସ୍ଥାପନ କଲେ। ଫଳରେ ନବକୃଷ୍ଣ ଚୌଧୁରୀ, ମାଳତୀ ଚୌଧୁରୀ, ଭଗବତୀ ଚରଣ ପାଣିଗ୍ରାହୀ, ସୁରେନ୍ଦ୍ରନାଥ ଦ୍ୱିବେଦୀ, ଗୁରୁଚରଣ ପଟ୍ଟନାୟକ, ଅନନ୍ତ ପଟ୍ଟନାୟକ, ରବି ଘୋଷ, ବିଶ୍ୱନାଥ ପଶାଏତ, ବୈଦ୍ୟନାଥ ରଥ, ସଚ୍ଚି ରାଉତରାୟ, ବନମାଳୀ ଦାସ ପ୍ରମୁଖଙ୍କ ସହଯୋଗ ପ୍ରତିଷ୍ଠାଲାଭ କଲେ।

ଢେଙ୍କାନାଳରେ ୧୯୩୮ ମସିହାରୁ ବିଧିବଦ୍ଧ ଭାବରେ ଢେଙ୍କାନାଳରେ ପ୍ରଜା ଅନ୍ଦୋଳନ ଆରମ୍ଭ ହୋଇଥିଲା। ୧୯୩୮ ମସିହା ଜୁନ ୨୬ ଓ ୨୭ ତାରିଖରେ ଅନୁଗୋଳ ଠାରେ ଗଡଜାତ ତଦନ୍ତ କମିଟୀର ଏକ ବୈଠକ ବସିଲାବେଳକୁ ଢେଙ୍କନାଳରେ ସୃଷ୍ଟି ହୋଇଥାଏ ଏକ ନୂତନ ବାତାବରଣ। ଏଥିରେ ଅନୁଗୋଳ ନିକଟବର୍ତ୍ତୀ ଢେଙ୍କନାଳର ପର୍ଜଙ୍ଗ, ପଳାଶୁଣି ଏବଂ ଉପର ବିଶୋ ଅଂଚଳର ପ୍ରାୟ ତିନି ଶହରୁ ଉର୍ଦ୍ଧ୍ୱ ପ୍ରଜା ସାକ୍ଷ୍ୟ ଦେଇଥିଲେ। ଦ୍ୱିତୀୟ ଦିନ ସେହି ଠାରେ ଢେଙ୍କନାଳର ସମସ୍ତ ନେତାଙ୍କ ଅନୁପସ୍ଥିତିକୁ ନେଇ ପ୍ରଜାମାନଙ୍କ ମଧ୍ୟରେ ତେର ଜଣିଆ କାର୍ଯ୍ୟକାରୀ ସଦସ୍ୟଙ୍କୁ ନେଇ ଏକ ଅସ୍ଥାୟୀ ପ୍ରଜାମଣ୍ଡଳ ଗଠନ କରାଯାଇଥିଲା।

ଢେଙ୍କନାଳରେ ଅସ୍ଥାୟୀ ପ୍ରଜା ମଣ୍ଡଳ ଗଠନ ପରେ ୧୯୩୮ ମସିହା ଜୁଲାଇ ୨ ତାରିଖରେ ପର୍ଜଙ୍ଗ ଏବଂ ପଳାଶୁଣି ବିସୋରେ ରାଜ ପ୍ରଶାସନକୁ ବେଖାତିର କରି ପାନଖିଆ ଛାଡିବାକୁ ନିଷ୍ପତି ନିଆଗଲା। ପାନର ଏକଚାଟିଆ ବ୍ୟବସାୟକୁ ନିନ୍ଦା କରାଯାଇ କୀର୍ତନ ମାଧ୍ୟମରେ ଗାଁ ଗାଁ ବୁଲି ପାନ ବର୍ଜନ କରିବାକୁ ଆହ୍ୱାନ କରିବାରୁ ରାଜ୍ୟରୁ ଶତକଡା ୯୫ ଭାଗ ପାନ ବ୍ୟବସାୟ କମିଯାଇଥିଲା। ଏହି ସମୟରେ ଢେଙ୍କନାଳରେ ମରୁଡି ପରିସ୍ଥିତି ସୃଷ୍ଟି ହେବାରୁ ପ୍ରଜାମଣ୍ଡଳର ନେତାମାନେ ରାଜ୍ୟର ବିଭିନ୍ନ ସ୍ଥାନରେ ଯଜ୍ଞର ଆୟୋଜନ କରି ହଜାର ହଜାର ସଂଖ୍ୟାରେ ଜନତାକୁ ଏକାଠି କରି ପ୍ରଜା ଆନ୍ଦୋଳନକୁ ଦୃଢ କରିବାର ସଂକଳ୍ପବଦ୍ଧ କରାଇଥିଲେ। ଶ୍ରୀ ମହେଶ୍ୱର ସୁବାହୁ ସିଂହଙ୍କ ନେତୃତ୍ୱରେ ପର୍ଜଙ୍ଗ ଅଂଚଳର କୁଆଳୋ, ମାଣିକମରା ପ୍ରଭୃତି ସ୍ଥାନରେ ଯଜ୍ଞର ଆୟୋଜନ କରାଯାଇଥିଲା ।

୧୯୩୮ ମସିହା ସେପ୍ଟେମ୍ବର ମାସ ୧ ତାରିଖରେ କଟକ ଜିଲ୍ଲା କିଷାନ ସଭା ଆନୁକୂଲ୍ୟରେ ଜାତୀୟ କୃଷକ ଦିବସ ପାଳନ ଅବସରରେ ଏକ ବିରାଟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ପଚାଶ ହଜାରରୁ ଉର୍ଦ୍ଧ୍ୱର୍ କୃଷକ ଯୋଗଦେଇଥିଲେ। ତନ୍ମଧ୍ୟରୁ ୨୦ ହଜାର ପ୍ରଜା ଢେଙ୍କନାଳର ଥିଲେ। ଉକ୍ତ ସଭାରେ ଜମିଦାରୀ ପ୍ରଥା ଉଚ୍ଛେଦ, ଦେଶୀୟ ରାଜ୍ୟଗୁଡିକରୁ ରାଜାଶାସନ ଲୋପର ଦାବୀରେ ଶୋଭାଯାତ୍ରା ପ୍ରତିଧ୍ୱନିତ ହେଲା। ଉକ୍ତ ସଭା ଢେଙ୍କନାଳ ପ୍ରଜାମାନଙ୍କ ମଧ୍ୟରେ ଉଦବେଳନ ସୃଷ୍ଟିକଲା। ତହିଁ ପଅର ଦିନ ଅର୍ଥାତ୍ ସେପ୍ଟେମ୍ବର ୨ ତାରିଖରେ ଢେଙ୍କାନାଳ ପ୍ରଜାମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ସମ୍ମିଳନୀ ବସିଲା ଓ ଢେଙ୍କାନାଳ ପ୍ରଜା ଆନ୍ଦୋଳନର ସ୍ଥାୟୀ କର୍ମକର୍ତା ନିର୍ବାଚିତ ହେଲେ। କାର୍ଯ୍ୟକାରୀ କମିଟୀ, ସଭାପତି, ସଂପାଦକ ଭାବରେ ଢେଙ୍କାନାଳର ନେତା ନିର୍ବାଚିତ ହେଲେ। ମାତ୍ର ଢେଙ୍କନାଳ ପ୍ରଜା ଆନ୍ଦୋଳନକୁ ଉପଦେଶ ଦେବା ପାଇଁ କଂଗ୍ରେସ ସୋସାଲୋଷ୍ଟ ପାର୍ଟିର ନେତାମାନଙ୍କୁ ନେଇ ଏକ ଉପଦେଷ୍ଟା ମଣ୍ଡଳୀ ଗଠନ କରାଗଲା। ପନ୍ଦର ଜଣିଆ ସଦସ୍ୟଙ୍କୁ ନେଇ କାର୍ଯ୍ୟକାରୀ କମିଟୀର ରହିଲେ ହରମୋହନ ପଟ୍ଟନାୟକ (ସଭାପତି), ଲକ୍ଷ୍ମୀଧର ସାହୁ (ସଂପାଦକ), ମହେଶ୍ୱର ସୁବାହୁ ସିଂହ (ଉପସଭାପତି), ବୈଷ୍ଣବ ଚରଣ ପଟ୍ଟନାୟକ (ସଂଗଠନ ସଂପାଦକ), ଭଜମନ ସାହୁ (କୋଷାଧ୍ୟକ୍ଷ), ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ନରତୋମ ଦାସ, ରାମକୃଷ୍ଣ ପଟ୍ଟନାୟକ, କୃତିବାସ ପ୍ରଧାନ, ବେଣୁଧର ଦେଓ, ରାଧାମୋହନ ପଟ୍ଟନାୟକ, ରତ୍ନାକର ରଥ, କିଶୋର ଚନ୍ଦ୍ର ବେହେରା ପ୍ରଧାନ ଓ ଈଶ୍ୱର ଚନ୍ଦ୍ର ଜେନା। କେନ୍ଦ୍ର କମିଟୀରେ ରହିଲେ ଦାଶରଥି ଶତପଥୀ, କୃଷ୍ଣଚନ୍ଦ୍ର ଦାସ, ଦିବାକର ବିଶ୍ୱାଳ, ସତ୍ୟବାଦୀ ଦାସ, ଶ୍ୟାମ ସାହୁ, ବିଶ୍ୱମ୍ଭର ସାହୁ, ଇନ୍ଦ୍ରମଣି ପଣ୍ଡା, ଗୋବିନ୍ଦ ଚନ୍ଦ୍ର ରାଉଳ, ରତ୍ନାକର ମହାନ୍ତି ଓ ଶ୍ରୀକାନ୍ତ ରାଉତ ପ୍ରମୁଖ ଦଶ ଜଣ ସଦସ୍ୟ। ଉପଦେଷ୍ଟା ମଣ୍ଡଳୀରେ ରହିଲେ ନବକୃଷ୍ଣ ଚୌଧୁରୀ, ଭଗବତୀ ଚରଣ ପାଣିଗ୍ରାହୀ, ମାଳତୀ ଚୌଧୁରୀ ଓ ସାରଙ୍ଗଧର ଦାସ।

ରାଜ ଦରବାର ପକ୍ଷରୁ ଅଗଷ୍ଟ ୨୩ ତାରିଖରେ ପ୍ରଜାମଣ୍ଡଳର ଦାବୀକୁ ନେଇ ଯେଉଁ ସବୁ ସୁଯୋଗ ଦିଆଯିବ ବୋଲି କୁହାଯାଇଥିଲା ତାହା ଛଳନାପୂର୍ଣ୍ଣ ବୋଲି ପ୍ରଜାମଣ୍ଡଳ ପକ୍ଷରୁ ଉପସଭାପତିଙ୍କ ଦସ୍ତଖତ ରହିତ ଏକ ପ୍ରାଚୀର ପତ୍ର ସେପ୍ଟେମ୍ବର ୫ ତାରିଖରେ ବଂଟାଗଲା। ଏହି ପ୍ରାଚୀର ପତ୍ର ଲୋକମାନଙ୍କ ମନରେ ଅସନ୍ତୋଷର ବହ୍ନି ପ୍ରଚାର କରିବାରୁ ୧୯୩୮ ମସିହା ସେପ୍ଟେମ୍ବର ୬ ତାରିଖରେ ରାଜାଙ୍କ ସୁନିଆ ଭେଟିକୁ ପ୍ରାଜମାନେ ବାସନ୍ଦ କଲେ। ସେପ୍ଟେମ୍ବର ୯ ତାରିଖରେ ପ୍ରଜାମଣ୍ଡଳର ସମ୍ପାଦକ ଲକ୍ଷ୍ମୀଧର ସାହୁଙ୍କୁ ରାଜାଙ୍କ ସହିତ ସାକ୍ଷାତକାର ଓ ଆଲୋଚନା ପାଇଁ ରାଜାଙ୍କ ବ୍ୟକ୍ତିଗତ ସଚିବ ଅନୁମତି ଦେଲେ। ରାଜା ପ୍ରଜାମଣ୍ଡଳର ଦାବୀଗୁଡିକ ଭିତରୁ ମାତ୍ର ଚାରିଗୋଟି ସର୍ତ ଆରୋପ କଲେ। ବଦଳରେ ପ୍ରଜାମଣ୍ଡଳ ସଭାସମିତି, ଶୋଭାଯାତ୍ରା ଓ ନୂତନ ଦାବୀ କିଛି ବାଢିବ ନାହିଁ। ପ୍ରଜାମଣ୍ଡଳ ଏହି ନିଷ୍ପତିକୁ ଅନାଗ୍ରହ ପ୍ରଦର୍ଶନ କରିଥିଲା। ଦାବୀଗୁଡିକ ଆଲୋଚନା ପାଇଁ ପ୍ରସ୍ତୁତି ଚାଲିଥିଲା ବେଳେ ରାଜପକ୍ଷ ପକ୍ଷରୁ ହଠାତ୍ ଆପତିଜନକ ପଦକ୍ଷେପ ନେଇ ସେପ୍ଟେମ୍ବର ୧୧ ତାରିଖ ସନ୍ଧ୍ୟା ପୂର୍ବରୁ ପ୍ରଜାମଣ୍ଡଳର ସଭାପତି ହରମୋହନ ପଟ୍ଟନାୟକ, ଉପସଭାପତି ମହେଶ୍ୱର ସୁବାହୁ ସିଂହ, ସଂପାଦକ ଲକ୍ଷ୍ମୀନାରାୟଣ ସାହୁଙ୍କ ସମେତ ୧୨ଜଣଙ୍କୁ ଗିରଫ କରିନିଆଗଲା। ଏହି ଖବର ଶୁଣିବା ମାତ୍ରେ ଦୁଇହଜାର ପ୍ରଜା ଏକତ୍ରିତ ହୋଇ ପ୍ରଜାମଣ୍ଡଳର ଏହି ନେତମାନଙ୍କୁ ଜେଲ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ନେତାମାନେ କାରାଗାରରେ ବନ୍ଦୀ ହେଲାପରେ ପୋଲିସ ଲାଠୋଚାର୍ଜ ଓ ଦରବାର ପକ୍ଷରୁ ହାତୀ, ଘୋଡା ପ୍ରଜାଙ୍କ ଉପରେ ଚଢାଗଲା। ନବୀନ ସ୍ୱାଇଁ ନାମରେ ଜଣେ ବୃଦ୍ଧ ଆହାତ ହେଲେ। ପ୍ରଜାମାନେ ମଧ୍ୟ ପୋଲିସକୁ ଅନୁରୂପ ଭାବେ ଟେକା ପଥର ବର୍ଷଣ କଲେ। Mr. Creffield (Assistant Comissionr of Police) , ଜଣେ ଡେପୁଟି ମାଜିଷ୍ଟ୍ରେଟ୍, ଜଣେ ପୋଲିସ ଇନିସପେକ୍ଟର, ଜଣେ ଡ୍ରାଇଭର ଏବଂ ଦୁଇଜଣ କନଷ୍ଟେବଲ୍ ଆହାତ ହେଲେ। ଉତ୍ୟକ୍ତ ପ୍ରଜାଙ୍କ ଦ୍ୱାରା ଗୋଟିଏ କାର୍ ଜାଳି ଦିଆଯାଇଥିଲା। ଏଇ ଠାରୁ ଢେଙ୍କାନାଳର ପ୍ରଜା ଆନ୍ଦୋଳନ ତୀବ୍ର ରୂପ ନେଇଥିଲା।

ଉପରୋକ୍ତ ଶୋଭାଯାତ୍ରାରେ ଆସିଥିବା ହଜାର ହଜାର ଲୋକଙ୍କୁ ନେଇ ଅଗଷ୍ଟ ୧୨ ତାରିଖରେ ନିକଟସ୍ଥ ଅଳସୁଆ ହାଟ ଜନସମୁଦ୍ର। ମଧ୍ୟାହ୍ନ ସୁଦ୍ଧା ଏହି ହାଟରେ କୋଡିଏ ହଜାର ଲୋକ ଏକାଠି ହୋଇ ରାଜାଙ୍କୁ ପ୍ରଜାମଣ୍ଡଳର ଦାବୀଗୁଡିକୁ ମାନିନେବାକୁ ଓ ଜେଲାଖାନାରେ ବନ୍ଦୀଥିବା ନେତାମାନଙ୍କୁ ଖଲାସ କରିବା ଦାବୀରେ ହାଟ କମ୍ପି ଉଠୁଥିଲା। ରାଜଦରବାର ପକ୍ଷରୁ ପ୍ରଥମ ଥର ଭାଗିରଥି ସାଗର ଓ ମଣ୍ଡଳସାହିରେ ଗୁଳିଚଳାଯାଇଥିଲା ତଥାପି ଲୋକସ୍ରୋତର ସୁଅ ବନ୍ଦ ହେଉନଥିଲା। ଏହି ଗୁଳିଚାଳନାରେ ଚାରିଜଣ ନିହତ, ଶତାଧିକ ଆହାତ ଓ ଅଠରଜଣ ଗୁରୁତର ଆହାତ ହୋଇଥିଲେ। ଜଣେ ଗର୍ଭବତୀ ମହିଳାଙ୍କ ଉପରେ ହାତୀ ଚଢିଯାଇଥିବା ସ୍ଥଳେ ଅନ୍ୟ ଜଣେ ମହିଳାଙ୍କ ମୁହଁ ଫାଟିଯାଇଥିଲା। ସେହି ସନ୍ଧ୍ୟାରେ ମାଳତୀ ଚୌଧୁରୀ ପର୍ଜଙ୍ଗର ଏକ ସଭାରେ ଉଦବୋଧନ ଦେଇ ଟ୍ରେନ ଯୋଗେ ଭଗବତୀ ଚରଣ ପାଣିଗ୍ରାହୀ ଓ ବୈଷ୍ଣବ ଚରଣ ପଟ୍ଟନାୟକଙ୍କ ସହ ଫେରୁଥିବା ବେଳେ ଢେଙ୍କନାଳ ଗଡ ଷ୍ଟେସନ ଠାରେ ଟ୍ରେନ୍ ଅଟକାଇ ଆହାତ ଲୋକମାନଙ୍କୁ କଟକ ନେଇଗଲେ। ସନ୍ଧ୍ୟା ସୁଦ୍ଧା ପ୍ରଜାଙ୍କ ସଂଖ୍ୟା ପଚିଶ ହଜାରକୁ ବୃଦ୍ଧିପାଇଯାଇଥିଲା। ପ୍ରଜାମାନଙ୍କର ଏପରି ଜନସମାଗମ ଦେଖି ପ୍ରଶାସନ ବନ୍ଦୀ ନେତାମାନଙ୍କୁ ବିନା ସର୍ତରେ ମଧ୍ୟରାତ୍ରରେ ଖଲାସ କରିବାକୁ ବାଧ୍ୟ ହେଲେ।

କଟକରେ ଏ ଖବର ପ୍ରସାରିତ ହେବା ପରେ କଟକରୁ ନବକୃଷ୍ଣ ଚୌଧୁରୀ, ସାରଙ୍ଗଧର ଦାସ ପ୍ରମୁଖ ନେତା ସେପ୍ଟେମ୍ବର ୧୩ ତାରିଖ ସକାଳୁ ଅଳସୁଆ ହାଟରେ ପହଂଚି ଏ ବିରାଟ ସଭାରେ ଉଦବୋଧନ ଦେଲେ। ସେମାନେ ଲୋକଶକ୍ତିକୁ ଅଭିନନ୍ଦନ ଜଣାଇବା ସହ ପ୍ରଜାମାନଙ୍କୁ ନିଜ ଘରକୁ ଫେରିଯିବାକୁ ଓ ପ୍ରଜାମଣ୍ଡଳର ଅଗାମୀ ଦିନଗୁଡିକର କାର୍ଯ୍ୟକ୍ରମକୁ ଅପେକ୍ଷା କରିବାକୁ କହିଲେ। ଏହାପରେ ସେପ୍ଟେମ୍ବର ୨୨ରେ ଦରବାର ପ୍ରଜାମଣ୍ଡଳକୁ ବେଆଇନ୍ ଘୋଷଣା କରିଦେଲା ।

ବିଭିନ୍ନ ଆଡୁ ସୈନ୍ୟ ସାମନ୍ତ ଆଣି ଢେଙ୍କନାଳରେ ମୁତୟନ କରାଗଲା। ପଲିଟିକାଲ ଏଜେଂଟ ୧୯୩୮ ମସିହା ସେପ୍ଟେମ୍ବର ୧୪ ରୁ ୨୦ ତାରିଖ ଭିତରେ ଦୁଇଶହ ପୋଲିସ ଫୋର୍ସ ବୌଦ, ଷଢେଇକଳା, କଳାହାଣ୍ଡି, ପାଟଣା, କେନ୍ଦୁଝର, ଆଦିରୁ ମଗେଇଥିଲେ। ରାଜ୍ୟରୁ ପ୍ରଜା ବିଦ୍ରୋହ କମେଇବା ପାଇଁ କ.ଙ.ଝ.ଈ (କସଭଶ'ଗ୍ପ ଙଂଙଂଭ ଝମକ୍ଟଗ୍ପଗ୍ପସଗ୍ପଷ ଈକ୍ଟବକ୍ସ୍ନଉରକ୍ସଗ୍ପ) ରେଜିମେଂଟରୁ ପ୍ରାୟ ଦୁଇଶହ ଇଉରୋପୀୟ ସୈନ୍ୟ ସେପ୍ଟେମ୍ବର ୨୦ରେ ପହଂଚିଲେ। ଢେଙ୍କାନାଳ

ସହରବାସୀ ପୋଲିସ ଫୋର୍ସ ଓ ଇଉରୋପୀୟ ସୈନ୍ୟମାନଙ୍କୁ ଦେଖି ଦେଖି ଆତଙ୍କିତ ହୋଇଯାଇଥିଲେ। ଏଥିସହ ପ୍ରଜାମଣ୍ଡଳକୁ ବେଆଇନ ଘୋଷଣା କରି ଚାରିଆଡୁ ଗିରଫଦାର ଆରମ୍ଭ କରିଦିଆଗଲା।

କ.ଡ.ଝ.ଇ ସୈନ୍ୟ ଫେରିଯିବା ପରେ ଶିଖ୍ ଓ ଗୁର୍ଖା ସୈନ୍ୟ ବାହିନୀକୁ ପଲିଟିକାଲ ଏଜେଂଟ ଢେଙ୍କାନାଳ ପଠେଇଥିଲେ। ବିଦ୍ରୋହୀ ପ୍ରଜାଙ୍କୁ ଦମନ କରିବା ପାଇଁ ଏହାଥିଲା ଢେଙ୍କାନାଳ ରାଜ ଦରବାର ଓ ପଲିଟିକାଲ ଏଜେଂଟଙ୍କ କୂଟ ଚକ୍ରାନ୍ତ। ଏହି ସୈନ୍ୟମାନେ ଢେଙ୍କାନାଳ ରାଜ୍ୟରେ ଲୁଟତରାସ, ଧର୍ଷଣ, ଲାଠିଚାର୍ଜ ଓ ଗୁଳିମାଡ ପରି ଆସୁରିକ ପ୍ରବୃତିକୁ ଦେଖାଇ ପ୍ରଜାମାନଙ୍କୁ ଭୟଭୀତ କଲେ।

୧୯୩୮ ମସିହା ଅକ୍ଟୋବର ୭ ତାରିଖରେ ବୈଷ୍ଣବ ଚରଣ ପଟ୍ଟନାୟକ ଓ ଶ୍ରୀକାନ୍ତ ରାଉତଙ୍କ ନେତୃତ୍ୱରେ ଦୁଇଶହ ଲୋକ ଲାଠି ଓ ବନ୍ଧୁକ ଧରି ଭୁବନ ପୋଲିସ ଷ୍ଟେସନରେ ଧମକ ଦେଇ ସକାଳ ନଅଟା ସୁଦ୍ଧା ଥାନା ଛାଡିବାକୁ ଧମକ ଦେଇଥିଲେ। ଭୁବନ ଗ୍ରାମରେ ଚାଳିଶ ଜଣ ସଶସ୍ତ୍ର ପୋଲିସ ବାହିନୀ ଓ କିଛି ଅଫିସର ଚଢାଉ କରି କିଛି ପୁରୁଷ, ମହିଳା ଓ ଶିଶୁମାନଙ୍କ ଉପରେ ଆକ୍ରମଣ କରିବା ସହ ଆଠଜଣ ଲୋକଙ୍କୁ ଆରେଷ୍ଟ କରିଥିଲେ। ବିନା ଚେତାବନୀରେ ଭୁବନ ଅଂଚଳରେ ଗୃହଦାହ ହେବା ସହ ଗୁଳି ଚାଳନାରେ ଜନତାଙ୍କ ମଧ୍ୟରୁ ଗୁରି ନାଏକଙ୍କ ଘଟଣାସ୍ଥଳରେ ଏବଂ ଆହାତ ଥିବା ରଘୁ ନାଏକଙ୍କ କଟକ ଡାକ୍ତରଖାନା ଯିବା ବାଟରେ ଜେନାପୁର ଠାରେ ମୃତ୍ୟୁ ହେଲା। ଅନ୍ୟ ଛଅ ଜଣ ଆହାତ ବ୍ୟକ୍ତିଙ୍କୁ ଡାକ୍ତରଖାନା ପଠେଇ ଦିଆଯାଇଥିଲା।

ଭୁବନ ଥାନା ଘେରାଉ ସମ୍ବାଦ ନିଜିଗଡରେ ପହଂଚିବା ପରେ ଗୁର୍ଖା ଓ ଶିଖ ପଲଟନ ୧୯୩୮ ମସିହା ଅକ୍ଟୋବର ୧୦ ତାରିଖ ରାତିରେ ଭୁବନକୁ ଘେରାଉ କରି ଅତର୍କିତ ଆକ୍ରମଣ କରିଦେବା ଆରମ୍ଭ କଲେ। ନୀଳକଣ୍ଠପୁର ଗାଁର ଲୋକେ ବ୍ରାହ୍ମଣୀ ଘାଟରେ ସରକାରୀ ଡଙ୍ଗାକୁ ପାଣିରେ ବୁଡେଇଦେଇ ନିଜସ୍ୱ ଡଙ୍ଗାକୁ ଫେରିରେ ରଖିଥାନ୍ତି। କିଛି ସୈନିକ ନୀଳକଣ୍ଠପୁର ଘାଟରେ ପହଂଚି ଘାଟ ଜଗିଥିବା ବାରବର୍ଷର ବାଳକ ପ୍ରଜା ବାଜି ରାଉତ ପ୍ରଜାମଣ୍ଡଳର ଆଦେଶ ବିନା ପାରି କରିବାକୁ ମନାକଲେ। ଡଙ୍ଗାର ଦଉଡିକୁ ଭିଡିଧରିବା ଦେଖି ସୈନ୍ୟମାନେ ଆଖିବୁଜା ଗୁଳିଚାଳନା କଲେ। ବାଜିରାଉତ ସମେତ ଅନ୍ୟ ତିନିଜଣ ପ୍ରଜା ହୃଷି ପ୍ରଧାନ, ଲକ୍ଷ୍ମଣ ମଲ୍ଲିକ ଏବଂ ନଟ ମଲ୍ଲିକଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଲା। ଆଠ ଜଣ ଗୁରୁତର ଭାବେ ଆହାତ ହୋଇ କଟକ ଡାକ୍ତରଖାନାରେ ଭର୍ତି ହେଲେ। ସେମାନଙ୍କ ମଧ୍ୟରୁ ପାଣୁ ଲେଙ୍କା ଏବଂ ଫଗୁ ସାହୁଙ୍କର ଡାକ୍ତରଖାନାରେ ମୃତ୍ୟୁହେଲା। ଘଟଣାସ୍ଥଳରେ ସହୀଦ ହୋଇଥିବା ବାର ବର୍ଷର ବାଳକ ବାଜିରାଉତର ମୃତ୍ୟୁ ସାରା ଦେଶବାସୀକୁ ଆଚମ୍ବିତ କରିଥିଲା। ପ୍ରଜାମଣ୍ଡଳର ନେତା ବୈଷ୍ଣବ ଚରଣ ପଟ୍ଟନାୟକ, ରବି ଘୋଷ, ସୁଧୀର ଘୋଷ, ଫନୀ ପାଲ, ବିଶିଷ୍ଟ ଚାଷୀ ନେତା ବଳଦେବ ଲାଲଙ୍କ ସହଯୋଗରେ ସହୀଦମାନଙ୍କ ଶବକୁ ଟ୍ରେନରେ କଟକ ଆଣି କଟକ ଷ୍ଟେସନରୁ ୬ଟି ଶଗଡରେ ପଟୁଆରା କରି ଅପରାହ୍ଣ ୪ଟା ସୁଦ୍ଧା ପଟୁଆରା ଡାକ୍ତରଖାନାରୁ ବାହାରିବ ବୋଲି ଘୋଷଣା କରାଗଲା। ବିଶ୍ୱନାଥ ପଶାୟତ,ରବି ଘୋଷ, ଅନନ୍ତ ପଟ୍ଟନାୟକ, ସଚ୍ଚି ରାଉତରାୟ, ମୋତିଲାଲ ତ୍ରିପାଠୀ, ଗୋବିନ୍ଦ ଚନ୍ଦ୍ର ମହାନ୍ତି ଶବବାହୀ ଶଗଡର ଶଗଡିଆ ହେଲେ। ମଙ୍ଗଳାବାଗ, ବକ୍ସି ବଜାର, ଚୌଧୁରୀ ବଜାର, ନୟା ସଡକ, ବାଲୁବଜାର ଦେଇ ଲାଲବାଗ ଥାନା ନିକଟରେ ଶବ ପହଂଚି ଥାନାରେ ରେକର୍ଡ କରାଗଲା। ସନ୍ଧ୍ୟାବେଳକୁ ପଟୁଆରା ଖାନନଗର ଶ୍ମଶାନରେ ପହଂଚିଲା। ସମୂହ ମୁଖାଗ୍ନିରେ ସହୀଦମାନଙ୍କୁ ଶ୍ରଦ୍ଧାଂଜଳି ଦିଆଗଲା।

ଅକ୍ଟୋବର ୧୭ ତାରିଖରେ ବଳରାମ ପ୍ରସାଦ ଓ ମୃଦଙ୍ଗାପଲ୍ଲୀର ଗ୍ରାମବାସୀମାନେ ରାଜଭକ୍ତି ଟିକେଟ ନେବାକୁ ଅମାନ୍ୟ ହେବାରୁ ଶିଖ ପଲଟନଙ୍କ ଦ୍ୱାରା ଲାଠି ଚାର୍ଜ ଓ ଗୁଳିମାଡ ହେବାରୁ ହିନ୍ଦୋଳ ରୋଡ ଷ୍ଟେସନ ଠାରେ ୨ଜଣ ବାରବର୍ଷର ବାଳକ ସମେତ ୬ଜଣ ଗ୍ରାମବାସୀ ଆହାତ ହୋଇଥିଲେ। ସେହିପରି ଅକ୍ଟୋବର ୨୧ ତାରିଖରେ ତଦନୁରୂପ ଘଟଣା ଘଟିଥିଲା ତୁମୁସିଂହା ଓ ଶିରିମୂଳା ଗ୍ରାମରେ। ଘଟଣାସ୍ଥଳରେ ଦଶିଆ ସାହୁ, ନରହରି ତନ୍ତୀ ଓ ଶମ୍ଭୁନାଏକଙ୍କ ମୃତ୍ୟୁ ସହ ୧୦ଜଣ ଗୁରୁତର ଆହାତ ହୋଇଥିଲେ। ଆହତ ବ୍ୟକ୍ତଙ୍କ ମଧ୍ୟରୁ କଟକ ଡାକ୍ତରଖାନାରେ ଦିନା ବେହେରାଙ୍କ ମୃତ୍ୟୁ ହେଲା। ନଭେମ୍ବର ୨ ତାରିଖରେ କୁଟୁମୁଣ୍ଡା ଗ୍ରାମବାସୀଙ୍କ ନାମରେ ମିଥ୍ୟାଭିଯୋଗ ଆଳରେ ତାଳଚେର ଓ ଢେଙ୍କନାଳ ପୋଲିସଙ୍କ ଅକ୍ରମଣ ଫଳରେ କାଶି ନାଏକ ଓ ଧୋବେଇ ନାଏକଙ୍କ ମୃତ୍ୟୁ ହେଲା। ନଭେମ୍ବର ୧୧ରେ କନ୍ଦରସିଂହା ଗ୍ରାମବାସୀ ରାଜଭକ୍ତି ଟିକେଟ ପ୍ରତି

ଅମାନ୍ୟ ହେବାରୁ ପ୍ରଜାଙ୍କ ଉପରେ ଗୁଳିବର୍ଷଣ ହେଲା ଏବଂ ତିନିଜଣ ପ୍ରଜା- ନାଥ ବିଶ୍ୱାଳ, କାଳିଆ ବିଶ୍ୱାଳ ଓ ପଦନ ବିଶ୍ୱାଳ ପ୍ରାଣ ହରାଇଲେ। ଏହିପରି ଭାବରେ ଢେଙ୍କନାଳରେ ପ୍ରଜା ଆନ୍ଦୋଳନ ୧୯୪୮ ମସିହା ଜାନୁୟାରୀ ୧ ପର୍ଯ୍ୟନ୍ତ ଗଡଜାତ ମିଶ୍ରଣ ଯାଏ ଚାଲିଲା।

ଏହି ଆନ୍ଦୋଳନ ଚାଲିଥିବା ସମୟରେ ୧୯୪୨ ମସିହା ବେଳକୁ ପ୍ରଜା ଆନ୍ଦୋଳନର ସଂଗ୍ରାମୀମାନଙ୍କୁ ୫ ରୁ ୭୦ ବର୍ଷଯାଏ ଜେଲଦଣ୍ଡ ଦିଆଯାଇଥାଏ। କେତେକଙ୍କୁ ଫାଶୀ ଦଣ୍ଡାଦେଶ ମଧ୍ୟ ହୋଇଥିଲା। ସେମାନଙ୍କ ପାରିବାରିକ ଦୁର୍ଦ୍ଦଶା ଦିନକୁ ଦିନ ଅସହାୟ ହୋଇପଡିଥିଲା। ସେମାନଙ୍କ ପିଲାମାନେ ଅବହେଳିତ ହୋଇପଡିଲେ। ତେଣୁ ସେମାନଙ୍କୁ ଉଚିତ୍ ଶିକ୍ଷା ଦେବା ଓ ସମାଜର ମୁଖ୍ୟସ୍ରୋତକୁ ଆଣିବାରେ ମାଳତୀ ଦେବୀ ଓ ନବକୃଷ୍ଣ ଚୌଧୁରୀ ଏକ ଆଶ୍ରମର ପରିକଳ୍ପନା କରିଥିଲେ। ୧୯୪୨ ମସିହା ବେଳେ ମାଳତୀ ଦେବୀ କଟକ ଜେଲରେ ଥିବା ବେଳେ କିରଣଲେଖା ରାୟ (ପରେ ଜୟକୃଷ୍ଣ ମହାନ୍ତିଙ୍କ ସହଧର୍ମିଣୀ ହେଲେ), ଉତରା ମହାନ୍ତି (ବୁବୁ ଅପା), ପାର୍ବତୀ ଗିରି ଆଦିଙ୍କ ସହ ଆଲୋଚନା କରି ଅନୁଗୋଳରେ ଏ କର୍ମକେନ୍ଦ୍ର ସ୍ଥାପନ ନିମନ୍ତେ ସହମତି ପ୍ରକାଶ କରିଥିଲେ। ୧୯୪୫ ମସିହାରେ ମାଳତୀ ଦେବୀ କଟକ ଜେଲରୁ ଏବଂ ସାରଙ୍ଗଧର ଦାସ ବ୍ରହ୍ମପୁର ଜେଲରୁ ମୁକ୍ତ ହେବା ପରେ କଣ୍ଢୁରୀ ଚରଣ ମଳିକଙ୍କ ହାତରେ ନବ ବାବୁ ଚିଠି ପଠେଇଥିଲେ ମାଳତୀ ଦେବୀଙ୍କ ପାଖକୁ। ସେଥିରେ ଉଲ୍ଲେଖ ଥିଲା ତରିକୁନ୍ଦ( ବିବାହ ପରେ ନବ ଦମ୍ପତି ଯେଉଁଠି ଚାଷ ଓ ଶିକ୍ଷାର ପ୍ରଚାର କରିଥିଲେ) ଓ ଅନୁଗୋଳ ମଧ୍ୟରୁ ସେ କୋଉଠି ଆଶ୍ରମ ପ୍ରତିଷ୍ଠା କରିବେ। ଗଡଜାତ ପିଲାମାନଙ୍କୁ ଶିକ୍ଷା ଦେବାର ମୁଖ୍ୟ ଉଦ୍ଦେଶ୍ୟ ଥିବାରୁ ମାଳତୀ ଦେବୀ ତରିକୁନ୍ଦ ପରିବର୍ତେ ଅନୁଗୋଳକୁ ଉଚିତ ମନେକଲେ ଓ ନବବାବୁଙ୍କୁ ନିଜର ନିଷ୍ପତି ଜଣାଇଥିଲେ। କଣ୍ଢୁରୀ ଚରଣଙ୍କ ସହ କଟକରୁ ଫେରିବା ସମୟରେ ମାଳତୀ ଦେବୀ ଶାଶୁ ଘରୁ କିଛି ଚାଉଳ ଓ ଇକନମିକ୍ କୁକର ଲୁଚେଇକି ଆଣିଥିଲେ। ନବ ବାବୁଙ୍କ ପରାମର୍ଶରେ ଭେଣେଇ ମାଗୁଣି କାନୁନ୍‌ଗୋ କଣ୍ଢୁରୀ ଚରଣଙ୍କ ହାତରେ କିଛି ଚାଉଳ ଦେଇଥିଲେ। ଛାତ୍ରାବାସ ବାଡିରେ ଓଲୁଅ ହୋଇଥାଏ। ଆଉ ଅନ୍ୟ ପରିବା କିଣିବାକୁ ପାଖରେ ପଇସା ନଥାଏ। ତାହା ହିଁ ଆନ୍ତେବାସୀଙ୍କ କିଛି ମାସ ଯାଏ ଆହାର ହେଲା। ପଡୋଶୀ ମଦନ ମୋହନ ପ୍ରଧାନଙ୍କ ସ୍ତ୍ରୀ ରେବତୀ ଦେବୀ (ମାଳତୀ ଦେବୀଙ୍କ ଧର୍ମ ଝିଅ) ଛାତ୍ରାବାସ ଚଳିବା ନିମନ୍ତେ କିଛି ମୁଗ ଡାଇ ଦେଇଥିଲେ।

ଛାତ୍ରାବାସର ଆବଶ୍ୟକତାକୁ ଦୃଷ୍ଟିରେ ରଖି ପିଲାଯୋଗାଡରେ ଲାଗିପଡିଲେ ମାଳତୀ ଦେବୀ। ତାଙ୍କର ସାଇକେଲଟିକୁ ସଜଡା ଗଲା। କଣ୍ଢୁରୀ ଚରଣ ସାଇକେଲ ଧରି ପିଲା ସନ୍ଧାନରେ ଲାଗିପଡିଲେ। ମହେଶ ସୁବାହୁ ସିଂହ ଢେଙ୍କାନାଳ ଓ ଅନୁଗୋଳରୁ କିଛି ପିଲା ଯୋଗାଡ କରିଥାନ୍ତି। ଉତରା ଆସିବା ପରେ ପାର୍ବତୀ ଗିରି, କିରଣଲେଖା ରାୟ, ଶଶି ଦେବୀ ଓ ହାରାମଣି କାନୁନଗୋ ଆଦି ଜେଲରୁ ଖଲାସ ହୋଇ ଛାତ୍ରାବାସକୁ ଆସି ପିଲାମାନଙ୍କ ଦାୟିତ୍ୱରେ ରହିଲେ। ପିଲାମାନଙ୍କ ମଧ୍ୟରେ ନିତ୍ୟାନନ୍ଦ, ସାବି, ଲୋଭା, ଚକ୍ର, ଲକ୍ଷ୍ମୀ, ସୁନାଫୁଲ, ଗୁରୁବାରୀ, ରତ୍ନାକର,ସୁଲ, ଖୁଲ, ଗୋଲକ, ସାବି, ମହେଶ୍ୱର, ନବଘନ, ମୀରା ଆଦି ୧୫ ଜଣ ପିଲାଙ୍କୁ ନେଇ ୧୯୪୬ ମେ ୧୧ ତାରିଖରେ ଛାତ୍ରାବାସର ପ୍ରତିଷ୍ଠା ହେଲେ। ପ୍ରବଳ ବର୍ଷା ସତ୍ୱେ ଓଡିଶାର ପ୍ରଧାନମନ୍ତ୍ରୀ ହରେକୃଷ୍ଣ ମହତାବ ସେଦିନ ଏହାକୁ ଉଦଘାଟନ କରିଥିଲେ।

ମୌଳିକ ଶିକ୍ଷାର ତାଲିମ ନେଇ ଆସିଥିବା ଋଷି ବେହେରା ବ୍ରହ୍ମପୁର ଜେଲରୁ ଖଲାସ ହୋଇ ଛାତ୍ରାବାସର ପ୍ରଥମ ଗୁରୁଜୀ ହେଲେ। ତାଙ୍କ ନାମାନୁସାରେ ଛାତ୍ରାବାସ ବଗିଚାର ନାମ ଋଷି କୃଷି ବିସ୍ତାର କ୍ଷେତ୍ର। ସ୍କୁଲ ପାଠ ପଢା ଛାଡି ୧୯୪୨ ମସିହାରେ ଆନ୍ଦୋଳନରେ ଯୋଗଦେଇ ଜେଲ୍ ଯାଇଥିବା ଜଗା ଭାଇ ଆସି ଯୋଗଦେଲେ। ତାଙ୍କର ଚିତ୍ରକଳା ପ୍ରତି ଅହେତୁକ ଭଲପାଇବା ଥିଲା। ସେ ଖାଇବା ଓ ପ୍ରାର୍ଥନା ଗୃହ ଶାନ୍ତି ମନ୍ଦିରରେ ଚିତ୍ର ଆଙ୍କିଲେ। ପିଲାମାନଙ୍କୁ ଚତ୍ରକଳା ଶିଖାଇଲେ। ଉତରା, କିରଣଲେଖା, ପାର୍ବତୀ ଓ ଦିବାକର ପ୍ରଧାନ ପିଲାମାନଙ୍କୁ ପାଠ ପଢାଇଲେ।

ପ୍ରଥମେ ଛାତ୍ରାବାସ ଗିରିଜା ଭୂଷଣ ଦତଙ୍କ କୁଟୀରରେ ଆରମ୍ଭ ହୋଇଥିଲା। ଗିରିଜା ଭୂଷଣ ଦତ ହେଉଛନ୍ତି ୧୯୩୮ ମସିହାରେ ଓଡିଶା ବିଧାନସଭା ଅନୁଗୋଳର ତତ୍କାଳୀନ ବିଧାୟକ। ସେ ନିଖିଳ ଉତ୍କଳ ଦେଶୀୟ ରାଜ୍ୟ ପ୍ରଜା ପରିଷଦର ୧୯୩୮ ମସିହାରେ କଟକରେ ଅନୁଷ୍ଠିତ କମିଟିରେ ବହୁ ସାହାଯ୍ୟ କରିଥିଲେ। ଗଡଜାତ ତଦନ୍ତ କମିଟିରେ ସ୍ଥାନୀୟ ଅନୁଗୋଳ, ଢେଙ୍କାନାଳ ଓ

ତାଳଚେରର ପ୍ରଜାମାନଙ୍କୁ ନେଇ ସାକ୍ଷ୍ୟ ଗ୍ରହଣରେ ସହଯୋଗ ପ୍ରତିଷ୍ଠା କରିଥିଲେ। ଅନୁଗୋଳରେ ଥିବା ତାଙ୍କରି ଜମିକୁ ମାଳତୀ ଦେବୀ ପୂର୍ବରୁ ଛାତ୍ରାବାସ ସ୍ଥାପନା ନିମନ୍ତେ କିଣିଥିଲେ। ସେଠି ଥିବା ତାଙ୍କ କୁଟୀରରେ ପ୍ରଥମେ ଛାତ୍ରାବାସ କାମ ଆରମ୍ଭ ହୋଇଥିଲା। ଛାତ୍ରାବାସ ଉଦଘାଟନ ପରେ ଏହାର ନାମ ହେଲା ଗିରିଜା ଭବନ।

ଗିରିଜା ଭବନ ସାମନାରେ ପ୍ରତିଷ୍ଠିତ କୁଟୀରରେ ସାରଙ୍ଗଧର ଦାସ ରହୁଥିଲେ। ପିଲାମାନେ ସାରଙ୍ଗଧରଙ୍କୁ ଅଜା ବୋଲି ସମ୍ବୋଧିତ କରୁଥିଲେ। ତେଣୁ ତାକୁ ପିଲାମାନେ ଅଜା କୁଟୀର ବୋଲି କହୁଥିଲେ। ସଂପ୍ରତି ଏହା ସାରଙ୍ଗଧର ଭବନ ନାମରେ ନାମିତ। ଏହା ଛାତ୍ରାବାସର ଅତିଥି ଭବନ। ସାରଙ୍ଗଧରଙ୍କ ଅବଦାନ ଛାତ୍ରାବାସକୁ ଅସୀମ। ଜୀବନର ଶେଷ ଯାଏ ଛାତ୍ରାବାସର ଆରମ୍ଭରୁ ରହିଛନ୍ତି। ଛାତ୍ରାବାସର ବିକାଶ ଓ ପରିଚାଳନା ପାଇଁ କଲିକତା ଓ ବମ୍ବେରୁ ପାଣ୍ଠି ସଂଗ୍ରହ କରୁଥିଲେ। ବମ୍ବେ ଠାରେ ଠକ୍କର ବାପାଙ୍କୁ ଦେଖାକରି ବାଜି ରାଉତ ଛାତ୍ରାବାସର ବିକାଶ ନିମନ୍ତେ ଅନୁଗୋଳ ଆସିବାକୁ ନିମନ୍ତ୍ରଣ କରିଥିଲେ। ଠକ୍କର ବାପା ଛାତ୍ରାବାସ ପରିଦର୍ଶନରେ ଆସି ବିମୋହିତ ହେଲେ ଓ ଛାତ୍ରାବାସରେ କନ୍ୟାଶ୍ରମଟିଏ ନିର୍ମାଣ ପାଇଁ ଅର୍ଥ ପ୍ରଦାନ କଲେ। ତାଙ୍କ ପ୍ରଦତ ଅର୍ଥରେ ସ୍ଥାପିତ କନ୍ୟାଶ୍ରମଟି ଠକ୍କର ନିବାସ ନାମରେ ନାମିତ। ମାଟିରେ ନିର୍ମିତ କାନ୍ଥରେ ଜଗା ଭାଇ ସୁନ୍ଦର ସୁନ୍ଦର ମୂର୍ତି ଅଙ୍କନ କରିଥିଲେ। ସଂପ୍ରତି ମାଟି ଗୃହଟି ଭାଙ୍ଗି ସେଠାରେ ଗୋଟିଏ ପକ୍କା ଘର ନିର୍ମାଣ ହୋଇଛି।

ଛାତ୍ରାବାସ ଆରମ୍ଭରୁ ଏଯାଏ ବହୁ ଗୁରୁଜୀ ଓ ଅପା ଛାତ୍ରାବାସ ସହ ଜଡିତ ଅଛନ୍ତି, କିନ୍ତୁ ବାବାଜୀ ଭାଇ(ବଳଭଦ୍ର ମିଶ୍ର)ଙ୍କ ଅବଦାନର ତୁଳନା ନାହିଁ। ବାବାଜୀ ଭାଇ ହେଉଛନ୍ତି ଛାତ୍ରାବାସର ପ୍ରଥମ ପରିଚାଳକ। ପାଖ ସୁସୁଡା ବ୍ରାହ୍ମଣ ଶାସନରେ ତାଙ୍କର ଘର। ବ୍ରାହ୍ମଣ ହୋଇ ମଧ୍ୟ ତତ୍କାଳୀନ ସମୟରେ ଜାତି ପ୍ରଥା ଠାରୁ ବହୁ ଉର୍ଦ୍ଧ୍ୱରେ ରହି ଛାତ୍ରାବାସ ଓ ପାଖ ଅଂଚଳରେ ସେବା ଯୋଗାଇ ଆସିଥିଲେ। ଦିନ ବେଳେ ଛାତ୍ରାବାସ କଥା ବୁଝନ୍ତି ଓ ସନ୍ଧ୍ୟାରେ ପାଖ ହରିଜନ ସାହିରେ ଯାଇ ପାଠ ପଢାନ୍ତି। ଗାଁରେ ସେ ଅଇଁଠୁ ମାଷ୍ଟ୍ରେ ନାମରେ ପରିଚିତ ଥିଲେ। ସ୍ୱାଧୀନତା ଆନ୍ଦୋଳନ ସମୟରେ ସମସ୍ତେ ଜେଲ୍ ଗଲେ ସେ ଛାତ୍ରାବାସକୁ ସମ୍ଭାଳୁଥିଲେ। ୧୯୪୨ ମସିହା ଆନ୍ଦୋଳନରେ କିଛି କାଳ କାରାବରଣ କରିଥିଲେ। ଛାତ୍ରାବାସ ବାଡିରୁ ଲେମ୍ବୁ, କମଳା ବିକ୍ରି କରି ଛାତ୍ରାବାସ ଚଳାଉଥିଲେ। ପିଲାମାନଙ୍କୁ ରାମାୟଣ, ମହାଭାରତ କାହାଣୀ ଶୁଣାଉଥିଲେ। ଦୀର୍ଘ ପଇଁଚାଳିଶ ବର୍ଷ ଧରି ଛାତ୍ରାବାସ ସହ ଶେଷ ନିଃଶ୍ୱାସ ଯାଏ ଜଡିତ ଥିଲେ। ତାଙ୍କର ସ୍ମୃତି ଉଦ୍ଦେଶ୍ୟରେ ବାଜି ରାଉତ ଛାତ୍ରାବାସ ପରିସରରେ ବଳଭଦ୍ର ବିଦ୍ୟାମନ୍ଦିର ସ୍ଥାପନ କରାଯାଇଛି।

ଖଲାରୀ ବିଦ୍ୟାଳୟକୁ ମୌଳିକ ବିଦ୍ୟାଳୟ ଭାବରେ ପରିଣତ କରାଯାଇ ସେଠାରେ ବାଜିରାଉତ ଛାତ୍ରାବାସକୁ ସଂଲଗ୍ନ କରାଯାଇ ପିଲାମାନଙ୍କୁ ଧାରାବାହିକ ଶିକ୍ଷା ପ୍ରଦାନ ନିମନ୍ତେ ବ୍ୟବସ୍ଥା କରାଗଲା। ୧୯୫୦ ମସିହାରେ ଏହା ଉଚ୍ଚ ମୌଳିକ ବିଦ୍ୟାଳୟରେ ପରିଣତ ହେଲା। ସେତେବେଳେ ଶିକ୍ଷକ ଭାବରେ ଯୋଗ ଦେଲେ ସର୍ବେଶ୍ୱର ନାୟକ। ସେ ସେବାଗ୍ରାମରୁ ମୌଳିକ ଶିକ୍ଷାରେ ତାଲିମ ପ୍ରାଇ ଆସିଥିଲେ। ସେ ଛାତ୍ରାବାସରେ ରହି ଛାତ୍ରାବାସର ପରିସର ଓ ବିକାଶରେ ସାହାଯ୍ୟ କରିଦେଲେ ।

ଛାତ୍ରାବାସ ଉଭୟେ ଗାନ୍ଧୀଜୀ ଓ ରବୀନ୍ଦ୍ରନାଥ ଠାକୁରଙ୍କ ଆଦର୍ଶରେ ପରିଚାଳିତ ହେଲା। ତେଣୁ ମୌଳିକ ଶିକ୍ଷା ସହ ଆନନ୍ଦମୟ ଶିକ୍ଷାର ମିଶ୍ରଣ ଘଟି ଏକ ନୂତନ ଶିକ୍ଷାର ପ୍ରଚାର ପ୍ରଚାରେ ଏକ ସୁନ୍ଦର ବାତାବରଣ ତିଆରି କଲା। ଯାହା ପରବର୍ତୀ ସମୟରେ ଭାରତର ରାଷ୍ଟ୍ରପତିରାଜେନ୍ଦ୍ର ପ୍ରସାଦଙ୍କୁ ବିମୋହିତ କରିବା ସହ ଏଠାକୁ ଟାଣିଆଣିଥିଲା। କେବଳ ଓଡ଼ିଶା ନୁହେଁ ସମଗ୍ର ଭାରତରେ ମୌଳିକ ଶିକ୍ଷା ପ୍ରଚାର ପ୍ରାସାର କ୍ଷେତ୍ରରେ ବାଜିରାଉତ ଛାତ୍ରାବାସ ଏକ ସ୍ୱତନ୍ତ୍ର ପରିଚୟ ଲାଭ କରିଛି।

●

ବାଗୀଶ

ପ୍ରଥମ ବର୍ଷ, ସଂଖ୍ୟା - ୨ । ମାର୍ଚ୍ଚ - ଏପ୍ରିଲ୍ ୨୦୨୩
Volume No. 01 I Issue No. 02 I March - April 2023

# ଅର୍ନ୍ତଦ୍ୱନ୍ଦ୍ୱ ଓ ଅନ୍ତରଙ୍ଗତାର ପ୍ରତିଫଳନ: 'ତିରିଶ ବର୍ଷର ଗଳ୍ପ ଓ ଆଳାପ'

■ ଶଙ୍ଖଚୂଳ ଦାସ



ଗବେଷକ, ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

ପ୍ରଥମେ ସୃଜନ ପରେ ସମୀକ୍ଷା। ସମୀକ୍ଷା ଓ ସୃଜନ ପରସ୍ପର ନିର୍ଭରଶୀଳ। ସମୀକ୍ଷାର ପ୍ରଭାବରେ ସୃଜନ ନିଜକୁ ଅଧିକ ତୀକ୍ଷଣ ଓ ଶକ୍ତିମାନ କରୁଥିବାବେଳେ ସୃଜନକୁ ଆଧାର କରି ସମୀକ୍ଷା ହୁଏ ଗତିଶୀଳ। ଏହି ଦୃଷ୍ଟିରୁ ବିଚାର କଲେ ଉନବିଂଶ ଶତାବ୍ଦୀରେ ଆଧୁନିକ ସାହିତ୍ୟ ବିକାଶଲାଭ କଲାପରେ ସମୀକ୍ଷାର ଧାରାରେ ମଧ୍ୟ ନୂତନତା ଆସିଲା। ଓଡ଼ିଆ ସାହିତ୍ୟରେ ଆଧୁନିକ ଗଳ୍ପ ରଚିତ ହେଲା ପରେ ସେ ସମ୍ବନ୍ଧୀୟ ଆଲୋଚନା ବା ସମୀକ୍ଷାଗୁଡ଼ିକ ପ୍ରକାଶ ପାଇଲା। ଓଡ଼ିଆ ଗଳ୍ପଗୁଡ଼ିକ ରଚନା ହେଲା ପରେ ହିଁ ତାହା ଆଲୋଚନା ପରିସରକୁ ଆସିଲା। କିନ୍ତୁ କଥା ସାହିତ୍ୟ ସମ୍ପର୍କରେ ଆଲୋଚନା କରିବାକୁ ଯାଇ କଥାକାରମାନଙ୍କ ରଚନାଶୈଳୀରେ ଭିନ୍ନତା ଦେଖାଯାଏ। ଏମାନଙ୍କ ଲେଖାରେ ତତ୍ସମ ବହୁଳ ଆଲୋଚକୀୟ ଭାଷା ଓ ଜଟିଳ ଭାବର ସମାବେଶ ଘଟିନଥାଏ। ଥାଏ ସାଧାରଣ କଥିତ ଭାଷାର ପ୍ରୟୋଗ ଓ ପାଠକ ସହ ଅନ୍ତରଙ୍ଗ ଆଳାପ କରିବା ପାଇଁ ଅଭିଳାଷ। ଆଲୋଚନା ମଧ୍ୟ ଗଳ୍ପସ୍ତରକୁ ଉଠିଆସି ପାଠକୀୟ ଉତ୍କଣ୍ଠା ସୃଷ୍ଟି କରିବାରେ ସାହାଯ୍ୟ କରେ। ଦୃଷ୍ଟାନ୍ତ ଭାବେ ଗୋପୀନାଥ ମହାନ୍ତିଙ୍କ 'କଳାଶକ୍ତି', ସୌରୀନ୍ଦ୍ର ବାରିକଙ୍କ 'ଗଳ୍ପ ସମ୍ପର୍କରେ', 'ବାମନର ପାଦ', କିଶୋରୀ ଚରଣ ଦାସଙ୍କ 'କଥା ସାହିତ୍ୟର କଳା କାରିଗରି'କୁ ନିଆଯାଇପାରେ। ନିଜ ସୃଜନଶୀଳ ସାହିତ୍ୟ କୃତି ସମ୍ପର୍କରେ ଅଭିମତ ଦେବା, ତାହାର ପୃଷ୍ଠପୀଠିକା ପ୍ରଦାନ କରିବା, ସର୍ବୋପରି ଭାବ ଓ ଅଭାବକୁ ତର୍ଜମା କରିବା ଓଡ଼ିଆ ସାହିତ୍ୟରେ ବିରଳ। ଏଇ ମର୍ମରେ ଗଳ୍ପଲେଖାର ସମୟ ଓ ମନସ୍ଥିତିକୁ ପୁଣିଥରେ ପରଖିଛନ୍ତି ଗାଳ୍ପିକ କିଶୋରୀ ଚରଣ ଦାସ ଆଲୋଚ୍ୟ 'ତିରିଶ ବର୍ଷର ଗଳ୍ପ ଓ ଆଳାପ'ରେ।

ଗାଳ୍ପିକ କିଶୋରିଚରଣ ଦାସ ସ୍ୱାଧୀନତା ପରବର୍ତ୍ତୀ ସମୟର ଗାଳ୍ପିକ। ତାଙ୍କର ପ୍ରଥମ ଗଳ୍ପ ସଂକଳନ ପ୍ରକାଶିତ ହୁଏ ୧୯୬୧ ମସିହାରେ 'ଭଙ୍ଗାଖେଳଣା'। ଏହା ପରେ ସେ କୋଡ଼ିଏଟି ଗଳ୍ପ ସଙ୍କଳନ ପ୍ରକାଶ କରିଛନ୍ତି। ସେଗୁଡ଼ିକ ହେଲା 'ଲକ୍ଷ ବିହଙ୍ଗ' (୧୯୬୮), 'ଘର ବାହୁଡ଼ା' (୧୯୬୮), 'ମଣିହରା' (୧୯୭୦), 'ଠାକୁର ଘର' (୧୯୭୫), 'ନାଲି ଗୁଲୁଗୁଲୁ ସାଧବ ବୋହୂ' (୧୯୭୮), 'ଗମନ' (୧୯୮୦), 'ଖେଳର ନାଆଁ ରଙ୍ଗ' (୧୯୮୨), 'ଭିନ୍ନ ପାଉଁଶ' (୧୯୮୪), 'ଶୀତ ଲହରୀ' (୧୯୮୬), 'ତ୍ରୟୋବିଂଶ ମୃତ୍ୟୁ' (୧୯୮୭), 'ଲେଉଟାଣି' (୧୯୮୯), 'ନିଜସଞ୍ଜ' (୧୯୯୨), 'ଧବଳ ଆକାଶ' (୧୯୯୪), 'ଥରୁଟିଏ' (୧୯୯୨), 'ଶାନ୍ତ ଅପରାହ୍ନ' (୨୦୦୨) ଏବଂ 'ନିଆଁ' (୨୦୦୪)। ଏହା ବ୍ୟତୀତ ସେ ସାତୋଟି ଉପନ୍ୟାସ, ସାତଟି ପ୍ରବନ୍ଧ ପୁସ୍ତକ, ଏବଂ କବିତା ମଧ୍ୟ ପ୍ରକାଶ କରିଛନ୍ତି। ଅନୁବାଦ କ୍ଷେତ୍ରରେ ମଧ୍ୟ ସଫଳତା ଅର୍ଜନ କରିଛନ୍ତି। ୧୯୬୦ ପରବର୍ତ୍ତୀ ସମୟରେ ତାଙ୍କ ଗଳ୍ପ ପ୍ରକାଶିତ ହେଲେ ମଧ୍ୟ ୧୯୪୪ ମସିହାରେ ତାଙ୍କର ପ୍ରଥମ ଗଳ୍ପ 'ପରଦା ତଳେ' 'ନବୀନ' ପତ୍ରିକାରେ ପ୍ରକାଶ ପାଇଥିଲା।

ଚାକିରୀ ଜୀବନର ଅବସର ପରେ ତାଙ୍କ ଗଳ୍ପଗୁଡ଼ିକୁ ନେଇ ସଂକଳନ ଗ୍ରନ୍ଥ ପ୍ରକାଶ କରିବା ପାଇଁ ଅନୁରୋଧ କଲେ। ସେତେବେଳେ ତାଙ୍କ ମନରେ ଆସିଲା ଯେ ଏଗୁଡ଼ିକୁ ସଂକଳିତ କରିବା ସହିତ ତାହାକୁ ଅଧ୍ୟୟନ କରି ପାଠକମାନଙ୍କ ସହିତ ଅନ୍ତରଙ୍ଗ ଭାବେ ଭାବ ଅଭିବ୍ୟକ୍ତ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି ଏ ସମ୍ପର୍କରେ ସେ ଆତ୍ମଜୀବନୀରେ କହନ୍ତି, "ପ୍ରକାଶକ ବନ୍ଧୁ ଯେତେବେଳେ କହିଲେ ଯେ କେତୋଟି ଗ୍ରନ୍ଥାବଳୀ ଛପେଇଲେ ହେବ ଆପଣଙ୍କ ଗଳ୍ପମାନଙ୍କୁ ନେଇ, ଗୋଟିଏ ଅପୂର୍ବ ଇଚ୍ଛା ଛୁଇଁଲା ମନକୁ ଭାବିଲି ମୁଁ ସେଇ ଗଳ୍ପଗୁଡ଼ିକୁ ପଢ଼ିବି ଓ ଅନୁଭବ କରିବି, ସେଇ ଅନୁଭବ ବିଚିତ୍ର ।" ((ସମୟ ନାହିଁ/ପୃ-୧୮୭)) ଏଭଳି ସଂକଳନ ଗ୍ରନ୍ଥ ଓଡ଼ିଆ ସାହିତ୍ୟ ପରମ୍ପରାରେ ଅଭିନବ ଓ ସ୍ୱତନ୍ତ୍ର ନିଶ୍ଚୟ। ଏହାର ଫଳସ୍ୱରୂପ 'ତିରିଶ ବର୍ଷର ଗଳ୍ପ ଓ ଆଳାପ' ପ୍ରଥମ ଭାଗ ପ୍ରକାଶ ପାଇଲା ୧୯୮୮ ମସିହାରେ ଏବଂ ଏହାର ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ଭାଗ ଯଥାକ୍ରମେ ୧୯୯୧, ୧୯୯୨ ଓ ୨୦୦୦ ମସିହାରେ ପ୍ରକାଶ ପାଇଲା। ପ୍ରତ୍ୟେକ ଭାଗରେ କ୍ରମାନ୍ୱୟରେ ଚାରୋଟି ଲେଖାଏ ଗଳ୍ପ ସଂକଳନ ସଂକଳିତ ହୋଇ ପ୍ରତ୍ୟେକ ଗଳ୍ପର ଶେଷରେ କିଛି ଗ୍ରନ୍ଥାକାରର କିଛି ଆଳାପ ରହିଛି। ପ୍ରଥମ ସଂକଳନ 'ଭଙ୍ଗାଖେଳଣା' ଠାରୁ 'ତରଙ୍ଗ' ପର୍ଯ୍ୟନ୍ତ ୧୬ଟିଗଳ୍ପ ଯଥାକ୍ରମେ ତାଙ୍କର ଚାରୋଟି ଗଳ୍ପରେ ସଂକଳିତ ହୋଇଛି। ମୁଖ୍ୟତଃ ଗଳ୍ପ ଆଲୋଚନା କରିବା ପାଇଁ ଆଲୋଚକ ଅନ୍ୟ ଗାଳ୍ପିକଙ୍କ ଗଳ୍ପକୁ ଆଲୋଚନାର ଉପାଦାନ ରୂପେ ଗ୍ରହଣ କରିଥାନ୍ତି। କିନ୍ତୁ ଲେଖକ ଏଠି ନିଜ ଗଳ୍ପ ସମ୍ପର୍କରେ ଅଭିମତ ବ୍ୟକ୍ତ କରୁଛନ୍ତି। ହୁଏତ ଏହି କାରଣରୁ ସେ ଏହାର ନାମ ଆଳାପ ରଖିଛନ୍ତି। କେତେବେଳେ ପାଠକଙ୍କ ସହିତ ତ କେତେବେଳେ ନିଜ ଗଳ୍ପର ଚରିତ୍ର ସହିତ ତ ଆଉ କେତେବେଳେ ନିଜର ଲେଖକୀୟ ସତ୍ତା ସହିତ ଭାବର ଆଦାନପ୍ରଦାନ କରୁଛନ୍ତି। ଏହି ଆଳାପରେ କୌଣସି ଗୁରୁଗମ୍ଭୀର ଚିନ୍ତା ବା ତଥ୍ୟାତ୍ମକ ଆଲୋଚନା ନାହିଁ। କେବଳ ହାଲୁକା କଥାବାର୍ତ୍ତା ଅଛି ପାଠକଙ୍କ ସହିତ। କେବଳ କଥାବାର୍ତ୍ତା କରିବା ଲେଖକଙ୍କ ଉଦ୍ଦେଶ୍ୟ ନୁହେଁ। ପାଠକମାନେ ଗଳ୍ପକୁ କିପରି ଭଲଭାବରେ ଚିହ୍ନିପାରିବେ, ତା'ର ମର୍ମକୁ ହୃଦୟଙ୍ଗମ କରିପାରିବେ, ସେ ଦିଗ ପ୍ରତି ଲେଖକ ସଜାଗ ଅଛନ୍ତି। କିନ୍ତୁ ଏଠି ସ୍ୱତଃ ମନରେ ପ୍ରଶ୍ନ ଆସେ ଲେଖକଙ୍କ ଗଳ୍ପକୁ ଭଲଭାବରେ ଚିହ୍ନାଇବାର ପ୍ରବଣତା ପଛରେ ପାଠକଙ୍କ ଅର୍ଥବୋଧ ବା ମର୍ମବୋଧ ଉପରେ ଲେଖକଙ୍କ ସନ୍ଦେହ ନାହିଁ ତ? ଏହି ସନ୍ଦେହ ପୁଣି ଦୃଢ଼ୀଭୂତ ହୁଏ ଯେତେବେଳେ ଲେଖକ ତାଙ୍କ ଆଳାପରେ ତାଙ୍କ ଗଳ୍ପ ଆଲୋଚକ ବା ସମୀକ୍ଷକଙ୍କ ମତକୁ ନେଇ ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି।

୧୯୫୪ ମସିହାରୁ ଗଳ୍ପଲେଖା ଆରମ୍ଭ କରିଛନ୍ତି। ଏବେ ୧୯୮୭ ମସିହା ଅର୍ଥାତ ତାହାର ପାଖାପାଖି ତିରିଶ ବର୍ଷ ପରେ ସେହି ଗଳ୍ପକୁ ପଢୁଛନ୍ତି। ଏତେ ବର୍ଷ ପରେ ଲେଖାବେଳର ଅନୁଭୂତି, ସ୍ମୃତିକୁ ରୋମନ୍ଥନ କରୁଛନ୍ତି। ସେ କହିଛନ୍ତି ଯେ, "କେତେଗୁଡ଼ିକୁ ପଢ଼ିଲାପରେ ମୋର ନିଜ ଉପରେ ରାଗିବାକୁ ଇଚ୍ଛା ହେଲା ଯେ ମୁଁ କଥାଚାତୁରିରେ ପାଠକଙ୍କୁ ଭଣ୍ଡେଇଛି.."(ତିରିଶ ବର୍ଷର ଗଳ୍ପ ଓ ଆଳାପ-୧/ପୃ-କ) ଏହି ସ୍ୱୀକାରୋକ୍ତିରେ ଅଛି ତାଙ୍କ ସରଳପଣ। କିନ୍ତୁ ସମୟକ୍ରମେ ସେ ଜଟିଳ ହୋଇପଡ଼ିଥିବାର ଆଭାସ ମିଳେ। ଆଉ ସେ ମନେ କରୁଛନ୍ତି ଯେ ତାଙ୍କର ଅନେକ ଗଳ୍ପରେ ଚତୁରତା ଅଛି। ତେଣୁ ପାଠକମାନଙ୍କୁ ଭଣ୍ଡେଇଥିବାର ସେ ଅନୁଭବ କରିଛନ୍ତି। ସେହି ସମୟରେ ମାନସିକ ସ୍ଥିତିକୁ ପରଖୁଛନ୍ତି ଏବଂ ବର୍ତ୍ତମାନ ସମୟର ବିଚାରବୁଦ୍ଧି ପ୍ରୟୋଗ କରି

ପାଠକ ସହିତ ଗପ ଜମେଇଛନ୍ତି। ତେଣୁ ସେ କହିଛନ୍ତି, "ଯାହା ବାଡ଼ିଦେଲି ତାକୁ ନେଇ ମୋର ଆଜିର ସଙ୍ଗରେ ଗପ ଜମେଇଲେ ମଜା ହେବ। ଦୁଇ ପକ୍ଷକୁ ଅଧିକ ସୁଖ ମିଳିବ ପରା। ଭାବିଲି ଯେ ମୁଁ ମୋର ପ୍ରତ୍ୟେକ ଗଳପକୁ ପୁଣି ଥରେ ପଢ଼ିବି ଓ ପଢ଼ିସାରିଲା ପରେ ମୋର ଯାହା କହିବାକୁ ମନେ ହେଉଛି, ମୁଁ କହିବି। ସେଥିରେ ସାହିତ୍ୟ ଥାଉ, ଜୀବନଦର୍ଶନ ଥାଉ ବା କାନ୍ତ କଉତୁକ ।"(ତିରିଶ ବର୍ଷର ଗଳ୍ପ ଓ ଆଳାପ-୧/ପୃ-କ) ଏଥିରୁ ଜଣାଯାଏ ଯେ ଲେଖକ ନିଜ ଗଳ୍ପ ବିଷୟରେ ଅଭିବ୍ୟକ୍ତି ବାଢ଼ିବା ପାଇଁ ବ୍ୟଗ୍ର ହୋଇଉଠିଛନ୍ତି। ଗଳ୍ପର ସାରବତ୍ତା ତଥା ତାକୁ ନେଇ ନିଜର ଚିନ୍ତା ଚେତନା ପ୍ରକାଶ କରିବା ପାଇଁ ଚାହିଁଛନ୍ତି। ଏହି ଆଳାପ ଦ୍ୱାରା ପାଠକ ଗଳ୍ପକୁ ଭଲଭାବରେ ଚିହ୍ନିପାରିବ ବୋଲି ଲେଖକର ଆଶା। ଏହି ଆଳାପ ପଛରେ ଅଛି ଲେଖକଙ୍କ ଗଳ୍ପ ପ୍ରତି ଆତ୍ମୀୟତା। ପୁରୁଣା ହେଲେ ବି ଗଳ୍ପଗୁଡ଼ିକ ଲେଖକଙ୍କ ଆଭିମୁଖ୍ୟ, ଆବେଗଗୁଡ଼ିକୁ ଚିହ୍ନାଇଦଉଛି। ସେ ନିଜର ଅନ୍ତରଙ୍ଗତାର ସହିତ ନିଜ ମନର ଭାବକୁ ପ୍ରକାଶ କରିଛନ୍ତି। ତାଙ୍କ ମନଭିତରେ ଅନେକ କଥା ଅଛି ପାଠକଙ୍କୁ ଶୁଣେଇବା ପାଇଁ।

ଆଳାପର ବିଶେଷତ୍ୱଗୁଡ଼ିକୁ ଓ ଲେଖକୀୟ ସ୍ୱତନ୍ତ୍ରତା ସମ୍ପର୍କରେ ନିମ୍ନରେ ଆଲୋଚନା କରାଗଲା। ଲେଖକ ନିଜ ଆଳାପରେ ଗଳ୍ପର ପୃଷ୍ଠଭୂମି ତଥା ଗଳ୍ପର ପଛରେ ଥିବା ଅନୁଭୂତି ବିଷୟରେ ସୂଚନା ଦେଉଛନ୍ତି। ଗାଳ୍ପିକଙ୍କ କର୍ମମୟ ଜୀବନ ଦେଶ ବିଦେଶ ତଥା ରାଜ୍ୟ ବାହାରର ଅନେକ ସ୍ଥାନରେ ବିତିଛି। ଆୟକର ବିଭାଗର ଜଣେ ଉଚ୍ଚ ପଦାଧିକାରୀ ପଦରେ କାର୍ଯ୍ୟନିର୍ବାହ କରିବା ପାଇଁ ସେ ଅନେକ ସ୍ଥାନରେ ରହିଛନ୍ତି। ମୁଖ୍ୟତଃ ଆମେରିକା, ଦକ୍ଷିଣ ଆଫ୍ରିକା, ଅଷ୍ଟ୍ରେଲିଆର ଅନେକ ରାଜ୍ୟ ଓ ସହରଗୁଡ଼ିକରେ ଓ ଭାରତର ମାନ୍ଦ୍ରାଜ, ରାଜସ୍ଥାନ, କଲିକତା, ଦିଲ୍ଲୀରେ ତାଙ୍କର ଅଧିକାଂଶ ସମୟ କଟିଛି। ତେଣୁ ସେହି ସ୍ଥାନଗୁଡ଼ିକରେ ମିଳିଥିବା ଅନୁଭୂତିମାନ ହୋଇଉଠିଛି ତାଙ୍କ ଅନେକ ଗଳ୍ପର ପୃଷ୍ଠଭୂମି। ଏହା ବ୍ୟତୀତ ନିଜ ପରିବାରର, ବନ୍ଧୁସ୍ୱଜନଙ୍କ ଅନୁଭୂତି, ଚାକିରୀ ଜୀବନରେ ଭେଟିଥିବା ବିଭିନ୍ନ ଲୋକମାନଙ୍କ ସହ ଘଟିଥିବା ଅନେକ ଘଟଣାଗୁଡ଼ିକ ଗଳ୍ପରେ ପ୍ରତ୍ୟକ୍ଷ ବା ପରୋକ୍ଷରେ ପ୍ରଭାବ ପକାଇଛି। 'ଘରବାହୁଡ଼ା' ଗଳ୍ପରେ ଆମେରିକାର ସମ୍ଭ୍ରାନ୍ତ ଚଳଣି, ଜୀବନଧାରା, ପ୍ରାଚୁର୍ଯ୍ୟମୟ ସଂସ୍କୃତିର ପୃଷ୍ଠଭୂମିରେ ରଚିତ। କିନ୍ତୁ ଏହି ଗଳ୍ପ ମାଧ୍ୟମରେ ଜନ୍ମଭୂମି ପ୍ରତି ଲେଖକଙ୍କର ଗଭୀର ବିଶ୍ୱାସବୋଧ ଓ ମମତା ରହିଛି। କର୍ମକ୍ଷେତ୍ରରେ ବିଦେଶ ଯିବା ଓ ନିଜ ମାତୃଭୂମିକୁ ଫେରିଆସିବା ମଧ୍ୟରେ ଆମେରିକା ଓ ନିଜ ଜନ୍ମଭୂମି ଭାରତର ଜୀବନଧାରାର ତୁଳନାତ୍ମକ ବିଶ୍ଳେଷଣ ରହିଛି। ଆମେରିକାରେ ବିଳାସ, ପ୍ରାଚୁର୍ଯ୍ୟ ଓ ସୁଖଭୋଗରେ କାଳାତିପାତ କରୁଥିଲେ ମଧ୍ୟ ଜନ୍ମଭୂମିକୁ ଫେରିବାକୁ ଲେଖକଙ୍କ ବ୍ୟଗ୍ରତା ରହିଛି। ଏଠାରେ ସୂଚନା ଦିଆଯାଇପାରେ ଯେ ଲେଖକ ଆମେରିକାରେ ଅବସ୍ଥିତ ଭାରତୀୟ ଆୟବିଭାଗର ଡାଇରେକ୍ଟର ଅଫ୍ ଅଡିଟ୍ ପଦରେ କାର୍ଯ୍ୟଭାର ଗ୍ରହଣ କରିବା ପାଇଁ ସେ ୧୯୬୧ ମସିହାରେ ଆମେରିକା ଯାଇଥିଲେ। ସେଇଠି ପାଖାପାଖି ତିନିବର୍ଷ ରହି କର୍ମଭୂମି କଲିକତାକୁ ଫେରି ଆସିଥିଲେ। ଏହି ସମୟର ଭାବଭାବନାକୁ ନେଇ ରଚିତ ହୋଇଛି ଉକ୍ତ ଗଳ୍ପ। 'ସାଏଗନରେ ସୁଖ' ଗଳ୍ପର ମୂଳରେ ରହିଛି ଗାଳ୍ପିକ ସାଏଗନ ରହଣି ସମୟରେ ଭାରତପକ୍ଷରୁ ଆନ୍ତର୍ଜାତୀୟ ଯୁଦ୍ଧବିରତ ଆୟୋଗରେ ନିଯୁକ୍ତ କେତେଜଣ ସାମରିକ କର୍ମଚାରୀ ବନ୍ଧୁଙ୍କ ସହିତ ମିଳିତ ହେବାର ସୁଯୋଗ ପାଇଥିଲେ। ଏହି ସାଏଗନର ଅନୁଭୂତି ଉପରେ ରଚିତ ଲେଖକଙ୍କ ଆଉ ଗୋଟିଏ ଗଳ୍ପ ହେଉଛି 'ପୁଅ କାନ୍ଦୁଛି'। ୧୯୫୮ ମସିହାରେ ସେ କଲମ୍ବୋ ପ୍ଲାନ ବିଶେଷଜ୍ଞ ହୋଇ ଦକ୍ଷିଣ ଭିଏତନାମ ସରକାରଙ୍କୁ ତିନିମାସ ଯାଏ ସ୍ୱଳ୍ପ ସଂଚୟ ଯୋଜନା ବିଷୟରେ ପରାମର୍ଶ ଦେବା ପାଇଁ ଭିଏତନାମର ରାଜଧାନୀ ସାଏଗନ ଯାତ୍ରା କରିଥିଲେ। ଲେଖକଙ୍କ ଏହା ପ୍ରଥମ ବିଦେଶଯାତ୍ରା। ମାତ୍ର ଏହି ଗଳ୍ପର ପୃଷ୍ଠଭୂମି ହେଉଛି ବ୍ୟାଙ୍କକ୍‌ରେ ବିତାଇଥିବା ଗୋଟିଏ ରାତିର କାହାଣୀ। ପ୍ରାୟତଃ ଲେଖକଙ୍କ 'ଘରବାହୁଡ଼ା' ଗଳ୍ପରେ ସଂକଳିତ ଛଅଟି ଗଳ୍ପରେ ତାଙ୍କ ବିଦେଶଯାତ୍ରାର ଅନୁଭୂତି ଅଛି। ଦକ୍ଷିଣ ଆଫ୍ରିକାରେ ଥିବା ବେଳେ ଲେଖକ ମିଷ୍ଟର ସାମ୍ପସନଙ୍କ ଘରେ ଆତିଥ୍ୟ ଲାଭ କରିଛନ୍ତି। ସେହି ଦେଶରେ ଥିବା ବର୍ଣ୍ଣବୈଷମ୍ୟ ଭେଦଭାବ ଓ ସେମାନଙ୍କ ଧାର୍ମିକ ଜୀବନ, ଭଗବାନ ବିଶ୍ୱାସର ଚିତ୍ର ରହିଛି 'ଭଗବାନଙ୍କ ଛବି' ଗଳ୍ପରେ। 'ଚୁମ୍ବନ' ଏକ ଭ୍ରମଣଜନିତ ଗଳ୍ପ। ଏଥିରେ ଲେଖକଙ୍କ ୱାସିଙ୍ଗଟନ୍ ଡି. ସି, ରିଓ, ବ୍ରାଜିଲ, ମେକ୍ସିକୋ ଆଦି ସ୍ଥାନର ଭ୍ରମଣ ଜନିତ ଅନୁଭୂତି ରହିଛି। ଏହି ସହରଗୁଡ଼ିକର ବେଳାଭୂମି, ପାର୍କ, ରେସ୍ତୋରାଁରେ ଦେଖିଥିବା ଚୁମ୍ବନର ଦୃଶ୍ୟ ରହିଛି। ଏଗୁଡ଼ିକ ଲେଖକଙ୍କ ଅଙ୍ଗେନିଭା ଅନୁଭୂତି। ତାଙ୍କ ବୈବାହିକ ଜୀବନରେ ପୁତ୍ର ହରାଇଥିବା ଦୁଃଖକୁ ନେଇ 'ମଣିହରା' ଗଳ୍ପ ରଚିତ। ୧୯୫୦ ମସିହାରରେ ତାଙ୍କ ପୁଅ ବିନୁର ମୃତ୍ୟ

ହୋଇଯାଇଛି। ସେ ସମ୍ପର୍କରେ ତାଙ୍କ ଆତ୍ମଜୀବନୀରେ କହନ୍ତି, "ଘରୁ ଏକ ଦାରୁଣ ଦୁଃସମ୍ବାଦ ମିଳିଲା- ବିନୁ ଚାଲିଗଲା। ଏପ୍ରିଲ ୯ ତାରିଖ ୧୯୫୦। ଆଉ ନାହିଁ ଆମ ପୁଅ ଚାଲିଯାଇଛି। ଯେତେ ସୁକୁଟା ହେଲେ ବି ହସୁଥିଲା ତା ମାଆ ମୁହଁକୁ ଚାହିଁ। ବିସକୁଟ୍ ଲଜେନସ୍ ବି ଲାଜେଇ ଲାଜେଇ ଖାଇପାରୁଥିଲା ତା ପାକୁଆ ପାଟିରେ। କିନ୍ତୁ ସେ ଠିକ୍ କଲା ଯେ ଆଉ ଲଢ଼ିପାରିବ ନାହିଁ ବଂଚି ରହିବାର ବଢ଼ି ଚାଲିଥିବା କଷ୍ଟ ସାଙ୍ଗରେ। ଆଖି ବୁଜି ଦେବା ତୁରନ୍ତ ଫେରି ଆସିଲି ଘରକୁ। ମଧ ତା ମାଆ ସାଙ୍ଗରେ ମିଶି ଆଖିରୁ ଲୁହ ଝରାଇଥିଲୁ ।"( (ସମୟ ନାହିଁ/ପୃ-୫୮)) ପୁଅର ମୃତ୍ୟୁ ଗାଳ୍ପିକଙ୍କୁ ଗଭୀର ଭାବେ ପ୍ରଭାବିତ କରିଛି। ଆଉ କରିବା ମଧ୍ୟ ସ୍ୱାଭାବିକ। ପଶ୍ଚିମବଙ୍ଗର ଆକାଉଣ୍ଟାଣ୍ଟ ଜେନେରାଲ ହୋଇ କଳିକତାରେ ରହୁଥିଲେ। ୟୁନିୟନ ଅଫିସ କର୍ମଚାରୀ ଓ ଟ୍ରେଡ୍ ୟୁନିୟନ୍ ମାନଙ୍କ ମଧ୍ୟରେ ଲାଗୁରହୁଥିଲା ସମସ୍ୟା। ଏହି ସମସ୍ୟାର ସମାଧାନ କରିବା ପାଇଁ ସେ ଉଦ୍ୟମ କରିଥିଲେ। ଟ୍ରେଡ ୟୁନିୟନ୍ କର୍ମଚାରୀମାନେ ତାଙ୍କ ଅଫିସକୁ ଘେରାଉ କରିଥିବାର ଦୃଶ୍ୟ ଏଥିରେ ବର୍ଣ୍ଣିତ। ସେହିପରି 'ଗୋଟିଏ ଲାଲସନ୍ଧ୍ୟା' ଗଳ୍ପରେ କଳିକତାର ଅନୁଭୂତିକୁ ନେଇ ଲିଖିତ। କଳିକତାରେ କମ୍ୟୁନିଷ୍ଟମାନଙ୍କ ଆନ୍ଦୋଳନ ଓ ସେଥିରେ ଲେଖକଙ୍କ ଅଭିଜ୍ଞତା ଏହି ଗଳ୍ପରେ ରୂପ ପାଇଛି। 'ଗୋଟିଏ ରାତିର କାହାଣୀ' ଗଳ୍ପରେ ପଶ୍ଚାତପଟ୍ଟରେ ଲେଖକଙ୍କ ପାଟଣାରେ କଲେଜ ପଢୁଥିବାର ଅନୁଭୂତିକୁ ନେଇ ଲିଖିତ। ଗଳ୍ପର ମୁଖ୍ୟ ଚରିତ୍ର ହରେନ୍ଦ୍ର ମାଧ୍ୟମରେ ସେ ଜୀବନକୁ ନେଇ ନାନା ପ୍ରଶ୍ନ କରିଛନ୍ତି। ହସପିଟାଲରେ ସ୍ମୃତି ସମ୍ବେଦନହୀନ ନର୍ସର ପ୍ରେମ ଓ ଚିକିତ୍ସିତ ବନ୍ଧୁଙ୍କ ବେଡପାଖରେ ଆସନ୍ନ ମୃତ୍ୟୁକୁ ଅପେକ୍ଷା କରୁଥିବା ରୋଗୀକୁ ନେଇ ତାଙ୍କ ମନରେ ଦେଖାଦେଇଛି ମାନସିକ ଅସ୍ଥିରତା। ମଣିଷ ନିଜ ନିଜ ସ୍ୱାର୍ଥକୁ ନେଇ ଚିନ୍ତାଶୀଳ। ଅନ୍ୟ ପ୍ରତି ସହାନୁଭୂତି ହେବା ପାଇଁ ସମ୍ବେଦନଶୀଳ ହୃଦୟ କାହାର ନାହିଁ। ସାଧାରଣ ମଣିଷ ଅପେକ୍ଷା ଲେଖକ ପ୍ରତ୍ୟେକ ବର୍ଗର ଜୀବନକୁ ଅନୁଭବ କରୁଛନ୍ତି। ଏହି ଚରିତ୍ରଗୁଡ଼ିକର ଦାରୁଣ ରହସ୍ୟ ଲେଖକଙ୍କୁ ସଦା ଅର୍ନ୍ତମୁଖୀ କରୁଛି। ମଣିଷ ଜୀବନ ଓ ସମାଜ ପ୍ରତି ଲେଖକଙ୍କ ରହିଛି ଅନେକ ଜିଜ୍ଞାସା। ତାଙ୍କର ଜଣେ ଯୁବ ସମ୍ପର୍କୀୟ ପ୍ରେର ବିଫଳତାରେ ଆତ୍ମହତ୍ୟା କରିଛି ଏହି ଘଟଣା ଭିତ୍ତି କରି ଲେଖାହୋଇଛି 'ନିଶାପ' ଗଳ୍ପ।

ଗାଳ୍ପିକ ମାନବେତର ଚରିତ୍ର ବା ପଶୁପକ୍ଷୀ ଚରିତ୍ରକୁ ଗଳ୍ପଭିତରକୁ ଟାଣି ଆଣି ତା ମାଧ୍ୟମରେ ମଣିଷର ମନଗହନର ଚିରନ୍ତନ ସତ୍ୟକୁ ଉଦଘାଟନ କରିଛନ୍ତି। 'ଲକ୍ଷବିହଙ୍ଗ'ରେ ଚଢ଼େଇ, 'ପ୍ରଭାତବର୍ଣ୍ଣନା' ଓ 'ରାତିକୁକୁର'ରେ କୁକୁର, 'ବନମୟୁର'ରେ ବନମୟୁର, 'ଗଧମାନେ କ'ଣ କରନ୍ତି'ରେ ଗଧ, 'କଳାକୋଇଲି'ରେ କୋଇଲି, 'ମରାଳି'ରେ ପକ୍ଷୀ ଆଦି ମାନବେତର ଚରିତ୍ର ଗଳ୍ପର ବକ୍ତବ୍ୟ ପ୍ରକାଶ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ସେ ପଶୁପକ୍ଷୀମାନଙ୍କ ପ୍ରକୃତିକୁ ନରନାରୀମାନଙ୍କ ଚରିତ୍ରରେ ସମନ୍ୱୟ କରି ପ୍ରତିକାତ୍ମକ ସୃଷ୍ଟି କରିଛନ୍ତି। ଲେଖକ ପ୍ରତୀକ ଭାବେ ଏମାନଙ୍କୁ ବ୍ୟବହାର କରି ସେମାନଙ୍କର ସୁନ୍ଦର ସମ୍ଭାବନାକୁ ଦେଖାନ୍ତି। ଇନ୍ଦ୍ରପୁରି ମେଟାଲ କର୍ପୋରେସନ୍‌ର ଡାଇରେକ୍ଟର, ମୋହନ କ୍ୟାନିଙ୍ଗର ଚେୟାରମେନ ମିଷ୍ଟର ମିଃ ନବୀନ ଅସହାୟ ଅନୁଭବର ତାଡ଼ନାରେ ଗଧ ଭଳି ରାସ୍ତାମଝିରେ ଗୋଡ଼ ଟେକି ଛିଡା ହୋଇଯାଇଛନ୍ତି। ଏଠି ଗଧ ଯୌନ, ନିର୍ବୋଧତା, ସ୍ଥାଣୁତାର ପ୍ରତୀକ। ମିଃ ନବୀନ ଓ ସଙ୍ଗମଲାଲ ସଂଗ୍ରାମୀ ଯବାନ ହୋଇ କୁଟନୀତିରେ ପ୍ରବୀଣ ହେଲେ ମଧ୍ୟ ଏମାନେ ପରୋକ୍ଷରେ ଦେଖାଯାଉଛନ୍ତି ଜଣେ 'ଗଧ' ଭଳି ବୋକା। 'ରାତିକୁକୁର' ଗଳ୍ପରେ ଧେଡ଼ିକୁକୁରର ଚରିତ୍ର ରହିଛି। ଏହି ଗଳ୍ପରେ କୁକୁର ମାଧ୍ୟମରେ ମଣିଷ ଭୟାଳୁ ସ୍ଥିତିକୁ ଦେଖାଇଦିଆଯାଇଛି। ନକସାଲ୍, କନସାଲ୍, ଗୁଣ୍ଡା, ସନ୍ତ୍ରାସ, ଯୁଦ୍ଧ ବୋମା ଏଗୁଡ଼ିକ ମଣିଷର ଦୈନନ୍ଦିନ ଜୀବନକୁ ବିପଦସଙ୍କୁଳ କରୁଥିବା ବେଳେ ମଣିଷ ଚାହେଁ ତା'ର ସ୍ଥିତି ସୁରକ୍ଷା। ଅନ୍ୟମାନେ ବରଂ ମରନ୍ତୁ କିନ୍ତୁ ମୁଁ ବଂଚିବି ବୋଲି କହୁଥାଏ ସେମାନଙ୍କ ଭିତରର ଭୟଭୀତ ମନ। 'ବନମୟୁର'ରେ ପକ୍ଷୀକୁ ପ୍ରତୀକ ଭାବେ ବ୍ୟବହାର କରିଛନ୍ତି। ଗଳ୍ପରେ ପକ୍ଷୀଟି ଉଭୟ ନକରାତ୍ମକ ଓ ସକରାତ୍ମକ ଅର୍ଥରେ ରୂପାୟିତ। ସମାଜରେ କୁସଂସ୍କାର, ଦୁର୍ନୀତି, ପ୍ରିୟାପ୍ରିତି ତୋଷଣ, ଦଳବଦଳ ରାଜନୀତି ପ୍ରସଙ୍ଗକୁ ନେଇ ତାଙ୍କର ଅନେକ ଗଳ୍ପ ରଚିତ ହୋଇଛି। ରାଜନେତାମାନଙ୍କ ପାଖରେ ଆଦର୍ଶର କିଛି ମୂଲ୍ୟ ନାହିଁ। ନିଜର ସ୍ୱାର୍ଥସିଦ୍ଧି ପାଇଁ ଦଳବଦଳ କରିବା ସେମାନଙ୍କ ପାଖରେ ସାଧାରଣ କଥା। ରାଜନେତା ଘନଶ୍ୟାମ ବାବୁଙ୍କ ମନସ୍ତତ୍ତ୍ୱର ବିଶ୍ଳେଷଣ କରାଯାଇଛି। ମନ୍ତ୍ରୀପଦ ପାଇବା ଲୋଭରେ ସେ ନିଜ ଆଦର୍ଶକୁ ବଳି ଦେଇଛି। ତାଙ୍କ ଚରିତ୍ରରୁ ଜଣାପଡେ ଯେ ମଣିଷ ପରିବେଶ ଓ

ପରିସ୍ଥିତିର ପ୍ରଭାବରେ ସେନିଜର ନୀତିକୁ ବଳିଦେଇ ଯେକୌଣସି ଆଦର୍ଶ ପ୍ରତି ଆକୃଷ୍ଟ ହୋଇପାରେ। ସେ ସର୍ବମଙ୍ଗଳ ପାର୍ଟିକୁ ପରିବର୍ତ୍ତନ କରି ଜଣେ ପଲିଟିକାଲ ପ୍ରଷ୍ଟିଚ୍ୟୁଟ୍ ହୋଇଯାଇଛନ୍ତି। ସେହିଭଳି 'ବନମୟୂର' ଗଳ୍ପରେ ଅନୁକୂଳ ରୋମାଣ୍ଟିକ ବାତାବରଣ ଦ୍ୱାରା ସ୍ୱାମୀ ସ୍ତ୍ରୀ ମଧ୍ୟରେ ମିଳନ ଘଟି ଜନସଂଖ୍ୟା ବୃଦ୍ଧି ହୁଏ ସେ ପ୍ରସଙ୍ଗରେ ଆଲୋକପାତ କରିଛନ୍ତି। 'ମୁଁ ପାରିବି' ଗଳ୍ପରେ ପ୍ରିୟାପ୍ରୀତି ତୋଷଣ ତଥା ସରକାରୀ କାର୍ଯ୍ୟରେ ନିଯୁକ୍ତି ପ୍ରସଙ୍ଗରେ କିପରି ଦୁର୍ନୀତି ହୁଏ ତାହାର ବର୍ଣ୍ଣନା ରହିଛି। ମନ୍ଦରଧର ମହାପାତ୍ର ନିଜ ପୁଅ ପାଇଁ ଚାକିରି କରେଇ ଦେବା ପାଇଁ ସରକାରୀ ଅଧିକାରୀ ଜଣଙ୍କୁ ଅନୁରୋଧ କରିଛି। ଏହି ପରିପ୍ରେକ୍ଷୀରେ ଅଧିକାରୀଜଣକର ମାନସିକ ଅନ୍ତର୍ଦ୍ୱନ୍ଦ୍ୱର ବିଚାର କରାଯାଇଛି। ସେହିଭଳି 'ରସଗୋଲ୍ଲା' ଓ 'ଗୋଟିଏ ଲାଲ୍ ସନ୍ଧ୍ୟା'ରେ ଗଳ୍ପରେ ବିଦ୍ରୋହ, ବିପ୍ଳବର ପ୍ରସଙ୍ଗ ରହିଛି।

ଲେଖକର ନିଜଗଳ୍ପର ସଫଳତା ଓ ଅସଫଳତା ସମ୍ପର୍କରେ ମତମନ୍ତବ୍ୟ ମିଳେ ଆଳାପରେ। ଗଳ୍ପକୁ ଲେଖକ ଭିତରୁ ଅଧିକ ଭଲପାଆନ୍ତି କାରଣ ତାଙ୍କ ଗଳ୍ପରେ ଚତୁରତା ବା ପ୍ରଗଲ୍ଭତା ନାହିଁ। ଅର୍ଥାତ ଏଇଥିରୁ ଅନୁଭବ କରିହୁଏ ଗଳ୍ପ ସମ୍ପର୍କରେ ଏହା ତାଙ୍କ ମନର ସ୍ୱାଭାବିକ ପ୍ରତିକ୍ରିୟା। ତାଙ୍କର ଯେଉଁ ଗଳ୍ପଗୁଡ଼ିକରେ ଅନୁଭୂତିରେ କ୍ଳିଷ୍ଟ ହୋଇଛି ତାହାର ସୂଚନା ମିଳେ। କଳିକତାରେ ସରକାର ବିରୋଧରେ ସଂଘଟିତ ବିଦ୍ରୋହକୁ ଅଙ୍ଗେ ନିଭେଇଛନ୍ତି ତେଣୁ ସେହି ଗଳ୍ପରେ ଅନୁଭୂତିର ପ୍ରାଧାନ୍ୟ ଯୋଗୁଁ ଗଳ୍ପଟି ଭାରାକ୍ରାନ୍ତ ବୋଲି ତାଙ୍କର ମତ। (ଗୋଟିଏ ଲାଲ ସନ୍ଧ୍ୟା) ଗଳ୍ପ ଲେଖା ସମୟର ସେ ମାନସିକ ସ୍ଥିତିର ବିଶ୍ଳେଷଣ କରୁଥିବା ଦେଖିବାକୁ ମିଳେ। ତେଣୁ ସେ ସେହି ସମୟରେ ନିଜେ କେଡ଼େ ବୋକା ଥିଲେ ଅନୁଭବ କରିଛନ୍ତି। (ସତୀ ଚରିତାମୃତ) ଗଳ୍ପର ସାମର୍ଥ୍ୟ ଓ ଅପାରଗତା ସମ୍ପର୍କରେ ସେ ଦର୍ଶାଇ ତା'ର କାରଣ କହିବାରେ ମଧ୍ୟ ସେ କୁଣ୍ଠାବୋଧ କରିନାହାଁନ୍ତି। ଗଳ୍ପର ପ୍ରକାରଭେଦ ସମ୍ପର୍କରେ ଆଳାପରେ ଗାଳ୍ପିକ ପ୍ରକାଶ କରନ୍ତି। 'କାଳିଗୋରୀ' ଗଳ୍ପ ଏକ ପ୍ରତୀକଧର୍ମୀ ଗଳ୍ପ। ତାଙ୍କର ଏକାଧିକ ବନ୍ଧୁ ଏହି ଗଳ୍ପ ପଢ଼ି ଗାଳ୍ପିକଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହାର କାରଣ ସ୍ୱରୂପ ଦର୍ଶାଇଛନ୍ତି ଯେ କଳାଧଳାର ଦ୍ୱୈତ ବିରୋଧ ଓ ଦାର୍ଶନିକତାକୁ ରସାପ୍ଳୁତ କରିପାରିଛନ୍ତି। କାଳୀଗୋରୀ ଦୁର୍ନୀତିର ଦୁଇଟି ଦିଗ, ସ୍ଖଳନର ଦୁଇଟି ପାଶ୍ୱର୍। ପ୍ରେମିକାମାନଙ୍କ ପ୍ରତି ପତିଙ୍କ ଯେତିକି ଆନୁଗତ୍ୟ ରହିଛି। ପତ୍ନୀଙ୍କ ପ୍ରତି ତାଠୁ ଯଥେଷ୍ଟ ସମ୍ମାନବୋଧ ରହିଛି। ସେ ତାଙ୍କ ଆଳାପରେ ଗଳ୍ପପାଠକମାନଙ୍କର ପ୍ରତିକ୍ରିୟାକୁ ଦର୍ଶାଇଛନ୍ତି। ପାଠକମାନଙ୍କର ପ୍ରଶଂସାର କାରଣ ମଧ୍ୟ ତାଙ୍କ ଆଳାପରେ ଦେଖାଯାଏ। 'ଭଙ୍ଗାଖେଳଣା'ର ଆଳାପରେ ସେ କହନ୍ତି, "ମୋର ପୁରୁଣା ଗଳ୍ପଗୁଡ଼ିକ ମଧ୍ୟରେ ଏହି ପ୍ରଥମ ଗଳ୍ପ ଯାହା ମୋତେ ଅସମ୍ଭାବିତ ପ୍ରଶଂସା ଆଣିଦେଇଛି। ନୂଆ ଲେଖଟିର ନୂତନତ୍ୱ ପ୍ରତି ଅଯାଚିତ ଶ୍ରଦ୍ଧା ଢାଳି ହୋଇ ଯାଇଛି। ଏବେ ମଧ୍ୟ ମୋ ବିଷୟରେ ଲେଖିବାକୁ କହିବାକୁ ଯାଇ ଅନେକ 'ଭଙ୍ଗାଖେଳନା'ର ଲେଖକଙ୍କୁ ସ୍ମରଣ କରନ୍ତି। ଏବଂ କୁହନ୍ତି ଯେ ଓଡ଼ିଆ ଗଳ୍ପ ସାହିତ୍ୟରେ ଏହା ଅନାବିଳ ମୁକ୍ତାଟିଏ।" ((ତିରିଶ ବର୍ଷର ଗଳ୍ପ ଓ ଆଳାପ-୧/ପୃ-୧୫)) ଏହି ଗଳ୍ପ ଶିଶୁମନସ୍ତତ୍ତ୍ୱ ଧର୍ମୀ ଗଳ୍ପ। 'ଦ୍ୱିତୀୟା' ଗଳ୍ପ ପଢ଼ି ତାଙ୍କୁ ଲାଜ ଲାଗେ ବୋଲି କହନ୍ତି। 'ପରିଚୟ' ଗଳ୍ପରେ ନାୟକ ଶିଶୁଶେଖରଙ୍କୁ ବୁଢ଼ା କରିଦେଇଥିବାରୁ ତାଙ୍କୁ ହସ ଲାଗେ ବୋଲି ସେ କହନ୍ତି। ସେହିଭଳି 'ଲକ୍ଷବିହଙ୍ଗ' ଗଳ୍ପ ସମ୍ପର୍କରେ ସେ କହନ୍ତି ଗପଟି ମାଇଲଖୁଣ୍ଟ ହେଇ ବା ନହେଇ ବିଭିନ୍ନ ମହଲରେ ଚହଳ ପକାଇଥିଲା। ଗଳ୍ପର ସ୍ୱୀକୃତି ଓ ପୁରସ୍କାରର ସମ୍ପର୍କର ସୂଚନା ମଧ୍ୟ ଆମେ ପାଇଥାଉଁ। ଓଡ଼ିଆ ସାହିତ୍ୟ ଏକାଡେମୀ ଗଦ୍ୟ ସହିତ୍ୟ ମଧ୍ୟରେ 'ମଣିହରା' ଗଳ୍ପ ସଂକଳନକୁ ପୁରସ୍କୃତ କରିଥିଲା ବୋଲି ଲେଖକ ସୂଚନା ଦେଇଛନ୍ତି। 'ଅଣ୍ଡା' ଗଳ୍ପ ଏକ ଭିନ୍ନସ୍ୱାଦର ଓ 'ସଙ୍ଗୀତାର ବାପା' ଗଳ୍ପଟି ପାଠକମାନଙ୍କର ବହୁଚର୍ଚ୍ଚିତ ହୋଇଥିଲା ବୋଲି ଲେଖକ କହିଛନ୍ତି।

ସ୍ୱଗଳ୍ପର କଳାତ୍ମକ ଦିଗ ପ୍ରତ ଲେଖକଙ୍କ ବିଚାର ରହିଛି ଆଳାପରେ। 'ବଡ଼ଲୋକି' ର ଆଳାପରେ ସେ ଠାଏ କହିଛନ୍ତି ଯେ, "କହିବାକୁ ଗଲେ ଗଳ୍ପଟି ଗଳ୍ପ ପଦବାଚ୍ୟ ନୁହେଁ। କାରଣ ଏଥିରେ ଧାରାପ୍ରବାହ ନାହିଁ। କେତୋଟି ସାନସାନ ଘଟଣାକୁ ନେଇ ସାମାଜିକ ଜୀବନର ଗୋଟାଏ ଦିଗ ଉପରେ ମୋର ଟିପ୍ପଣୀ ବୋଲି ବୋଲି କହିଲେ ମୋର ଭୁଲ ହେବ ନାହିଁ ।" ଉକ୍ତ ଗଳ୍ପରେ ଗାଳ୍ପିକଙ୍କ ଘରକୁ ତାଙ୍କ ଅଫିସରର ଅଧସ୍ତନ କର୍ମଚାରୀ ପରିବାର ସହ ଆଗମନ, ସେମାନଙ୍କ ବେଶଭୁଷା, ଚାଲିଚଳଣିରେ ବଡ଼ଲୋକିର ଦେଖାଣିଆ ଭାବ, ଲେଖକ ତାଙ୍କ ବନ୍ଧୁଘରକୁ ଗମନବେଳେ ଉଭୟଙ୍କ ଆର୍ଥିକ ଅବସ୍ଥା, ଚଳଣି ଭିନ୍ନତା କାରଣରୁ ଉଭୟଙ୍କ ମିଳନରେ ଅସ୍ୱାଭିକତା ଆଦି ଛୋଟ ଛୋଟ ଭାବଧାରା ରହିଥିଲେ ମଧ୍ୟ ଗଳ୍ପର କଳାକ୍ରମ ଅସଫଳତାର ପ୍ରମାଣ ମିଳୁନି। 'ବୋମାପଡ଼ିବ' ଓ 'ଲକ୍ଷ

ବିହଙ୍ଗ' ଗଳ୍ପକୁ ଅଣଗପ ବୋଲି କହନ୍ତି। ଏଭଳି କହିବାର କାରଣ ବୋଧହୁଏ ଉଭୟ ଗଳ୍ପରେ କାହାଣୀର ଗଢ଼ଣ ବା ଗତିଶୀଳତା ନାହିଁ। 'ବୋମାପଡ଼ିବ'ର ଗୋପାଳବାବୁ ଓ 'ଲକ୍ଷବିହଙ୍ଗ'ର ମିସ ପୁରୀର ଭାବଭାବନା ବା ମୁଡ୍ ଉପରେ ଗୁରୁତ୍ୱ ଦିଆଯାଇଛି। ଉଚ୍ଚ ମଧ୍ୟବିତ ମହିଳା ମିସେସ୍ ପୁରୀର ନିଷ୍କ୍ରିୟତା ମାନସିକ ଜଗତର ହାଲୁକା ଭାବ ଉପରେ ପ୍ରାଧାନ୍ୟ ଦିଆଯାଇଛି। ଅନୁଭୂତି ଆଧାରରେ ଯେଉଁ ଗପଗୁଡ଼ିକ ଗଠିତ ସେ ସମ୍ପର୍କରେ ସେ ସୂଚନା ଦେଇଛନ୍ତି। 'ଶହେପୁଅ' ଗଳ୍ପଟି ତାଙ୍କ ନିଜର ପ୍ରତ୍ୟକ୍ଷ ଅନୁଭୂତି ଉପରେ ଗଢ଼ା ଓ ଏଥିରେ କଳ୍ପନାର ଛାପ ପଡ଼ିନି ବୋଲି ତାଙ୍କ ମତ। କିନ୍ତୁ ତାଙ୍କର ଅଧିକାଂଶ ଗଳ୍ପରେ କଳ୍ପନାକୁ ହିଁ ସେ ଆଧାର ରୂପେ ଗ୍ରହଣ କରୁଛନ୍ତି। ସେ ସ୍ୱୀକାର କରନ୍ତି ତାଙ୍କ ଚାକିରି ଯୋଗୁଁ ବ୍ୟାପକ ଅଭିଜ୍ଞତା ଓ ଅନୁଭୂତି ଲାଭ ନ କରିପାରିବାରୁ କଳ୍ପନାକୁ ହିଁ ସେ ବେଶି ନିର୍ଭର କରୁଥିଲେ। ଗଳ୍ପ ସମ୍ପର୍କରେ ବିଖ୍ୟାତ ଔପନ୍ୟାସିକ ଉଇଲିଅମ ଫକନ୍‌ରଙ୍କ ମତକୁ ଉଲ୍ଲେଖ କରିଛନ୍ତି, ତାଙ୍କ ମତରେ ଗଳ୍ପଲେଖାର ଆଧାର ତ୍ରିବିଧ; ଅଙ୍ଗେ ନିଭାଇବା, ଆଖି ବୁଲାଇ ଦେଖିବା ଏବଂ କଳ୍ପନା କରିବା। ଏ ସମ୍ପର୍କରେ 'ରାତିକୁକୁର'ର ଆଳାପରେ ସେ କହନ୍ତି "ନିଜ ଲେଖା ବିଷୟରେ କିଛି କହିବାକୁ ଯାଇ ମୋତେ ବାରମ୍ବାର ସ୍ୱୀକାର କରିବାକୁ ପଡ଼ିଛି ଯେ ଯଦିଓ ମୁଁ ଇଙ୍ଗିତରେ, ପରୋକ୍ଷରେ ଶ୍ଳେଷର ଚାତୁରୀ ଅବା ଛାଇ ଆଲୁଅ ମାଧ୍ୟମରେ ଜୀବନ ଓ ସଂସାର ଉପରେ ମୋର ବକ୍ତବ୍ୟ ଶୁଣାଇବାକୁ ଚେଷ୍ଟା କରିଛି, ମୋର ଏଭଳି କେତୋଟି ଗଳ୍ପ ଅଛି (ଅବଶ୍ୟ ଅଳ୍ପ କେତୋଟି ଗଳ୍ପ) ଯେଉଁଥିରେ କଳାତ୍ମକତାର ଧର୍ମ ରକ୍ଷା କରିପାରିନାହିଁ ।"

କିଶୋରୀଚରଣ ତାଙ୍କ ଆଳାପରେ ପାଠକ ତଥା ସମୀକ୍ଷକମାନଙ୍କ ମତାମତ ସମ୍ପର୍କରେ ସୂଚନା ଦେଇଚନ୍ତି। ସେମାନଙ୍କର ମତାମତର ପ୍ରାମାଣିକତା ଥାଉପଛେ ଲେଖକ କିନ୍ତୁ ସେ ସମ୍ପର୍କରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ଆଳାପରେ। ତାଙ୍କ ବନ୍ଧୁମାନେ ଗଳ୍ପକୁ ନେଇ ଯାହା ସନ୍ଦେହ କରିଛନ୍ତି ତା'ର ଉତ୍ତର ଦେଇଛନ୍ତି ଲେଖକ। 'ଗୋଟିଏ ଲାଲ ସନ୍ଧ୍ୟା' ସମ୍ପର୍କରେ ତାଙ୍କ ବନ୍ଧୁମାନଙ୍କ ପ୍ରତିକ୍ରିୟା ହେଉଛି ଲେଖକଙ୍କ ତଥ୍ୟବିହୀନ ଥିଓରୀ ତାଙ୍କର ଅଗଭୀର ବୁର୍ଜୁଆ ଚେତନାର ପରିଚୟ ଦେଇଛି। ତାତ୍ତ୍ୱିକ ବିଚାର କରି ସେ ଏହାର ଉତ୍ତର ଦେଇଛନ୍ତି। ଲେଖକ ନିଜ ଆଳାପରେ ପାଶ୍ଚାତ୍ୟ ଦାର୍ଶନିକ ( କାମ୍ୟୁ, ଫ୍ରଏଡ, ପ୍ଲାଟୋ), ଭାରତୀୟ ମହାପୁରୁଷ (ଗାନ୍ଧୀ, ବିବେକାନନ୍ଦ, ରାମକୃଷ୍ଣ ପରମହଂସ), ଅନେକ ପାଶ୍ଚାତ୍ୟ ଓ ପ୍ରାଚ୍ୟ ଲେଖକ ଆଦିଙ୍କ ଉକ୍ତି ଓ ମତକୁ ନିଜ ବକ୍ତବ୍ୟର ସ୍ୱଷ୍ଟତା ପାଇଁ ଉଦ୍ଧାର କରଛନ୍ତି ଆଳାପରେ। ଏହାବ୍ୟତୀତ କୌଣସି ପୁସ୍ତକର ସାରକଥା, ସେହି ପୁସ୍ତକର ଚରିତ୍ରକୁ ଆଳାପ ଭିତରକୁ ଟାଣି ଆଣିଛନ୍ତି।

ଗାଳ୍ପିକଙ୍କ ଆଳାପରେ ଭାଷା ଓ ଶୈଳୀଗତ ବୈଶିଷ୍ଟ ରହିଛି। ତାଙ୍କର ଅଧିକାଂଶ ଆଳାପ ଆତ୍ମକଥନଧର୍ମୀରେ ଲିଖିତ। ତାଙ୍କ ଭାଷା ଶୈଳୀରେ ଆବେଗ ପ୍ରବଣତା ରହିଥାଏ।ବେଳେବେଳେସେସ୍ୱାଭାବିକଢଙ୍ଗରେଇଂରାଜୀ ଶବ୍ଦର ବ୍ୟବହାର କରିଛନ୍ତି ଯଥା ଡାଏଲେକଟିକ୍ସ୍ (ଉସବକ୍ଷରମତ୍ସସମତ୍ସ), ଏକଷ୍ଟ୍ରାସୀ (ରମତ୍ସତ୍ସବତ୍ସଢ), ଆଣ୍ଟିଥେସିସ (ବଭତ୍ସସତ୍ସଷରତ୍ସସତ୍ସ)। ପ୍ରାବନ୍ଧିକ ବିଭିନ୍ନ ଦେଶର ସାହିତ୍ୟ ସମ୍ପର୍କରେ ମୂଲ୍ୟବାନ ମନ୍ତବ୍ୟ ଦେଇଛନ୍ତି। ଯାହା ତାଙ୍କ ବହୁପାଠିତାର ପ୍ରମାଣ ଦିଏ। ସେ ଗଳ୍ପ ଆରମ୍ଭରେ ଗୋଟିଏ ଧାଡ଼ିରୁ ଆରମ୍ଭ କଲା ପରି ଆଳାପରେ ମଧ୍ୟ ସେହିଭଳି ଶୈଳୀ ଦେଖାଯାଏ। ଗୋଟିଏ ଧାଡ଼ି ହିଁ ଗୋଟିଏ ଅନୁଚ୍ଛେଦ। ଅଧିକାଂଶ ସ୍ଥଳରେ ଆଳାପର ଆରମ୍ଭରେ ଏହା ରହିଛି ତ ଆଳାପ ମଝିରେ ମଧ୍ୟ ରହିଛି। ସେହି ଗୋଟିଏ ଧାଡ଼ି ହିଁ ଯେମିତି ତାଙ୍କର ସେହି ଗୋଟିଏ ଆଳାପର ବକ୍ତବ୍ୟକୁ ବୋଧହୁଏ ପ୍ରକାଶ କରିବାରେ ସାମର୍ଥ୍ୟ ରଖେ। ଯଥା-"କେବଳ କବାଟ ବନ୍ଦକରିଦେଲେ ହିଁ ଯଥେଷ୍ଟ ହେବ ।" (ଗୋଟିଏ ବାହାଘର କଥା), "ସତ୍ୟନାରାୟଣ ବାବୁଙ୍କୁ ଏହିପରି ଭାବରେ ଛିଗୁଲେଇବା କ'ଣ ଉଚିତ ଥିଲା ।" (ପତି ପରମ ଗୁରୁ), "ମୋର ଏଇ ଗପଟିକୁ ମୁଁ ଭଲପାଏ ।" (ତିନୋଟି ଦୃଶ୍ୟ), ଭକ୍ତ ହେଉ ବା କଳାକାର ସେଇ ଏକା କଥା (ଶୋଭାଯାତ୍ରା) ଗାଳ୍ପିକ ଆଳାପରେ ଶେଷରେ ଗଳ୍ପ ଗୁଡ଼ିକର କେଉଁ କେଉଁ ଭାଷାରେ ଅନୁଦିତ, କେଉଁ କେଉଁ ସଙ୍କଳନରେ ସଙ୍କଳିତ, ପାଠ୍ୟକ୍ରମ ରୂପେ ପଢ଼ାଯାଇଥିବା ଗଳ୍ପ, କେଉଁ କେଉଁ ଗଳ୍ପ ଗୁଡ଼ିକର ନାଟ୍ୟରୂପାନ୍ତର ହୋଇଛି ତା'ର ସୂଚନା ସେ ଦେଇଛନ୍ତି। ବିଭିନ୍ନ ସଂକଳନରେ ସ୍ଥାନିତ ହୋଇଥିବା ଗଳ୍ପ, ସଂକଳକ ଓ ସଂପାଦକର ପରିଚୟ ଓ ତାଙ୍କର ପ୍ରକାଶନ ସଂସ୍ଥା ଓ ପ୍ରକାଶନ ସମୟର ସୂଚନା ରହିଛି। ଲେଖକଙ୍କର ଗଳ୍ପଗୁଡ଼ିକ, ହିନ୍ଦି, ଗୁଜୁରାଟୀ, ଆସାମୀୟ, ଉର୍ଦ୍ଦୁ, ମାଳାୟାଲମ, କନ୍ନଡ଼, ତେଲୁଗୁ, ତାମିଲ, ମରାଠି, ଆଦି ଭାରତୀୟ ଭାଷା ଓ ଇଂରାଜୀ, ଫରାସୀ, ସ୍ପାନିସ୍, ଋଷୀୟ , ଆରବୀୟ ଆଦି ବିଦେଶୀ ଭାଷାରେ ଅନୁଦିତ ହୋଇ ହିନ୍ଦୀ, ଇଂରାଜୀ, ଭାଷାର

ପତ୍ରପତ୍ରିକା ଓ ସଂକଳନ ଗ୍ରନ୍ଥରେ ପ୍ରକାଶିତ ଓ ସଂକଳିତ ହୋଇଛି। ତାଙ୍କର କେତୋଟି ଗଳ୍ପକୁ ସେ ନିଜେ ଅନୁବାଦ କରିଛନ୍ତି। 'ଠାକୁର ଘର', 'ରାତିକୁକୁର', 'କଳାକୋଇଲି' ଗଳ୍ପର ନାଟ୍ୟରୂପାନ୍ତର ହୋଇଛି। ଲେଖକଙ୍କ ଅନୁଦିତ ହୋଇଥିବା ବିଭିନ୍ନ ନିର୍ବାଚିତ ଗଳ୍ପ ସଂକଳନର ସୂଚନା ଗାଳ୍ପିକ ଆଳାପରେ ପ୍ରଦାନ କରିଛନ୍ତି।

କଥାକର କିଶୋରୀଚରଣ ଦାସଙ୍କ 'ତିରିଶ ବର୍ଷର ଗଳ୍ପ ଓ ଆଳାପ' ଗ୍ରନ୍ଥାବଳୀର ପ୍ରତ୍ୟେକ ଗଳ୍ପର ଶେଷରେ ରହିଥିବା 'ଆଳାପ' ସ୍ୱରଚିତ ଗଳ୍ପ ସମ୍ପର୍କରେ ତାଙ୍କର ମୌଳିକ ଦୃଷ୍ଟିକୋଣ। ଗଳ୍ପର ଉଭୟ ଆତ୍ମିକ ଓ ଆଙ୍ଗିକ ଦିଗ ଉପରେ ଗାଳ୍ପିକଙ୍କ ବିଚାର ସମ୍ପର୍କରେ ଜାଣିହୁଏ। ଏହା ସହିତ ଗଳ୍ପର ପଶ୍ଚାତପଟରେ ଥିବା ପୃଷ୍ଠଭୂମି ସମ୍ପର୍କରେ ସୂଚନା ଦେଖିବାକୁ ପାଉ। ତାଙ୍କର ଛାତ୍ରଜୀବନ, ଚାକିରୀ ଜୀବନର ଅନୁଭୂତିର ଛାପ ଯେଉଁ ଗଳ୍ପରେ ରହିଛି ସେ ବିଷୟରେ ମଧ୍ୟ ଲେଖକ ଉଲ୍ଲେଖ କରିଛନ୍ତି। ନିଜର ଭାବକୁ ସୁସ୍ପଷ୍ଟ ଭାବରେ ପ୍ରକାଶ କରିବା ପାଇଁ ଓ କୌଣସି ଗହନ କଥାର ମର୍ମ ପାଠକଙ୍କ ଉପଲବ୍ଧି ନିମନ୍ତେ ବିଭିନ୍ନ ମହାପୁରୁଷ, ଦାର୍ଶନିକ, ଲେଖକଙ୍କ ଉକ୍ତି ତଥା ଚିନ୍ତାଧାରାର ଉଲ୍ଲେଖ କରିଛନ୍ତି। ଲେଖକଙ୍କ ଜୀବନଦର୍ଶନକୁ ଏହି 'ଆଳାପ'ରେ ଆମେ ଉପଲବ୍ଧି କରିଥାଉ ଏବଂ ଚରିତ୍ର ପ୍ରତି ଅନ୍ତରଙ୍ଗତା, ନିବିଡ଼ତା, ଗଭୀର ଭଲପାଇବାକୁ ହୃଦୟଙ୍ଗମ କରିହୁଏ। ଚରିତ୍ର ମାନଙ୍କ ମାନସିକତାକୁ ଲେଖକ ସୁକ୍ଷ୍ମ ଭାବରେ ବିଶ୍ଳେଷଣ କରିଛନ୍ତି। ଚରିତ୍ରମାନଙ୍କର ଅର୍ନ୍ତନିହିତ ଭାବର ସଂପ୍ରସାରଣ ତାଙ୍କ ଏଥିରେ ଦେଖିବାକୁ ମିଳେ। ଗାଳ୍ପିକ ଏକ ସ୍ୱତନ୍ତ୍ର ପ୍ରକାର ଗ୍ରନ୍ଥାବଳୀ ପ୍ରକାଶ କରି ତାଙ୍କ ସ୍ୱତନ୍ତ୍ରତାର ପରିଚୟ ପ୍ରଦାନ କରିଛନ୍ତି।

**ସହାୟକ ଗ୍ରନ୍ଥସୂଚୀ :**

୧ ଦାସ, କିଶୋରୀଚରଣ: ତିରିଶ ବର୍ଷର ଗଳ୍ପ ଓ ଆଳାପ, ପ୍ରଥମ ଭାଗ, କଟକ, ଫ୍ରେଣ୍ଡ୍ସ୍ ପବ୍ଲିଶର୍ସ, ପ୍ରଥମ ସଂସ୍କରଣ, ୧୯୮୮,

୨. ଦାସ, କିଶୋରୀଚରଣ: ତିରିଶ ବର୍ଷର ଗଳ୍ପ ଓ ଆଳାପ, ଦ୍ୱିତୀୟ ଭାଗ, କଟକ, ଫ୍ରେଣ୍ଡ୍ସ୍ ପବ୍ଲିଶର୍ସ, ପ୍ରଥମ ସଂସ୍କରଣ, ୧୯୯୧,

୩. ଦାସ, କିଶୋରୀ ଚରଣ: ସମୟ ନାହିଁ (ସଂ-ବିଜୟାନନ୍ଦ ସିଂହ), କଟକ, ଓଡ଼ିଶା ବୁକ ଷ୍ଟୋର୍, ୨୦୦୪,

୪-କର, ବାଉରିବନ୍ଧୁ: ଗଦ୍ୟଶିଳ୍ପୀ କିଶୋରୀଚରଣ (ସଂ) କିଶୋରୀ ଚରଣ ଅଭିନନ୍ଦନ ଗ୍ରନ୍ଥ, ୧୯୯୯ ।

●

ବାଗୀଶ
ପ୍ରଥମ ବର୍ଷ, ସଂଖ୍ୟା - ୨ । ମାର୍ଚ୍ଚ - ଏପ୍ରିଲ୍ ୨୦୨୩
Volume No. 01। Issue No. 02। March - April 2023

# ମୁକ୍ତିର ଅନ୍ୱେଷଣରେ ନାଟକ ‘ପ୍ରଜାପତିର ଡେଣା’ : ଏକ ଦୃଷ୍ଟିପାତ

■ ଚିନ୍ମୟ ସାମଲ



ଗବେଷକ, ବିଶ୍ୱଭାରତୀ
ଶାନ୍ତିନିକେତନ, ପଶ୍ଚିମବଙ୍ଗ

‘ନାଟକ ଏକ ସ୍ୱୟଂ ସମ୍ପୂର୍ଣ୍ଣ ବସ୍ତୁଧର୍ମୀ କଳା’। ଆଜିର ସମୟରେ ଏହା ନ କହିଲେ ମଧ୍ୟ ଚଳିବ। ସାହିତ୍ୟର ଅନ୍ୟାନ୍ୟ ବିଭାଗ ଠାରୁ ନାଟକର ଗୁରୁତ୍ୱ କାହିଁ ଯେ ଅଧିକ ଏହା ମଧ୍ୟ କାହାକୁ ଅଗୋଚର ନଥିବ। ବିଗତ ଦଶନ୍ଧି ଓଡ଼ିଆ ନାଟକରେ ସଫଳ ପରୀକ୍ଷା ନୀରିକ୍ଷା କରାଯାଉଛି। ଓଡ଼ିଆ ନାଟକର ସୁବର୍ଣ୍ଣଯୁଗ ଅର୍ଥାତ କାଳିଚରଣଙ୍କ ପର୍ଯ୍ୟନ୍ତ ନାଟକ, ଧାରାବାହିକ ଅଥବ ପାରମ୍ପରିକ କ୍ରମେ ଗଢ଼ିଆସୁଥିଲା। ତଥାପି ଏହି ସମୟ ମଧ୍ୟରେ ନାଟକ କ୍ଷେତ୍ରରେ କେତେକ ପରୀକ୍ଷା ନୀରିକ୍ଷା ହୋଇଥିବାର ଆମ ଦୃଷ୍ଟିପଥକୁ ଆସେ (ଅଶ୍ୱିନୀ କୁମାରଙ୍କ ‘ଅଭିନୟ’, ‘ଭୁବନେଶ୍ୱର’, ‘ଇରାନୀ’, ‘କଏଦୀ’ ପ୍ରଭୃତି)। ବିଂଶ ଶତାବ୍ଦୀର ଷ ଦଶକରେ ‘ସୃଜନୀ’ ନାଟ ସଂସ୍ଥା ଦ୍ୱାରା ମନୋରଞ୍ଜନ ଦାସଙ୍କ ଅଭିନୀତ ନାଟକ ‘ଆଗାମୀ’ (୧୯୬୪) ଓଡ଼ିଆ ନାଟକର ମୋଡ଼ ପରିବର୍ତ୍ତନ କରିଥିଲା। ମନୁଷ୍ୟର ବାହ୍ୟ ସମସ୍ୟା, ଏହି ସମୟରେ ନାଟକରେ ପ୍ରଦର୍ଶନ ନକରି ତା’ର ମନର ସମସ୍ୟାକୁ ଗୁରୁତ୍ୱ ଦିଆଗଲା। ଯାହାକୁ ‘ମନସ୍ତାତ୍ତ୍ୱିକ ନାଟକ’ ବା କେହିକେହି ସମାଲୋଚକ ପାଶ୍ଚାତ୍ୟ ଦେଶର ‘ଇଭଶ୍ୱଙ୍କକ୍ସୟ ଞଷରବଶ୍ୱକ୍ସର’ ନାମକରଣରେ ଏକ ଓଡ଼ିଆ ଅନୁବାଦ କରି ତା’ର ନାମ ଦେଲେ ‘ଉଦ୍ଭଟ ନାଟକ’। ତେବେ ଯାହା ହେଉ ୧୯୬୦ ମସିହା ପରବର୍ତ୍ତୀ ନାଟକରେ ପାଶ୍ଚାତ୍ୟ ଅନୁକରଣରେ ପରୀକ୍ଷା ନୀରିକ୍ଷା ହୋଇଥିଲେ ମଧ୍ୟ ତାହା ଦର୍ଶକଙ୍କ ରୁଚି ବିରୁଦ୍ଧ ଥିଲା। ତେଣୁ ଆଦୃତ ହୋଇ ପାରିଲା ନାହିଁ। ପରୀକ୍ଷା ନୀରିକ୍ଷାର ଉଚ୍ଚତମ ସ୍ତରକୁ ଛୁଇଁ ପାରିଥିଲେ ମଧ୍ୟ ତାହାର ବିଳୟ ହିଁ ଘଟିଲା।

ନାଟକର ଅତିବୌଦ୍ଧିକତା ହିଁ ଦର୍ଶକ ଅନୁପସ୍ଥିତି

କାରଣ ଜାଣିପାରି ନୂତନ ପର୍ଯ୍ୟାୟର ତରୁଣ ନାଟ୍ୟକାରମାନେ ନାଟକକୁ ପୁଣି ଦର୍ଶକମାନଙ୍କ ପାଖକୁ ଘେନିଯିବା ନିମନ୍ତେ ବଦ୍ଧ ପରିକର ହୋଇଥିଲେ। ୧୯୮୦ ପରବର୍ତ୍ତୀ ଓଡ଼ିଆ ନାଟକରେ ନାଟକ ପଶ୍ଚିମା ଦେଶର ଅନୁକରଣ ପ୍ରବୃତ୍ତିକୁ ତ୍ୟାଗ କରି ସ୍ୱମାଟି, ସ୍ୱପରିବେଶ କୈନ୍ଦ୍ରିକ ହେଲା। ତେଣୁ ବୌଦ୍ଧିକତାର ଧାରା ଯାହା ମନୋରଞ୍ଜନ ଦାସଙ୍କ ପରବର୍ତ୍ତୀ ସମୟରୁ ଗଢ଼ିଆସୁଥିଲା, ତାହାର ପୂର୍ଣ୍ଣଚ୍ଛେଦ ପଡ଼ିଲା।

ଇତି ପୂର୍ବରୁ ଓଡ଼ିଆ ନାଟକରେ ବିଭିନ୍ନ ସମସ୍ୟାମାନ ଉପସ୍ଥାପିତ କରାଯାଇ ଦର୍ଶକମାନଙ୍କୁ ସତର୍କ କରାଇଦିଆ ଯାଉଥିଲା। ମନସ୍ତତ୍ତ୍ୱଧର୍ମୀ ନାଟକରେ ମଧ୍ୟ ଆମେ ଦେଖୁ ନାଟକର ଚରିତ୍ରମାନେ ମାନସିକ ବିକାରଗ୍ରସ୍ତ, ଯାହାର ଏକ ପୂର୍ଣ୍ଣ ସମାଧାନ ନାଟକ ମାଧ୍ୟମରେ ନ ଦେଖାଇ ନାଟ୍ୟକାରମାନେ ସାଧାରଣତଃ ଦର୍ଶକମାନଙ୍କ ଉପରକୁ ବିଚାର କରିବା ପାଇଁ ଛାଡ଼ି ଦେଉଥିଲେ। କୌଣସି ନାଟ୍ୟକାର ମାନେ ନାଟକ ମାଧ୍ୟମରେ ମୁକ୍ତିରମାର୍ଗ ଦେଖାଉ ନଥିଲେ। ଅଶୀ ପରବର୍ତ୍ତୀ ନାଟକରେ ନାଟ୍ୟକାରମାନେ ଏଥିପ୍ରତି ସଜାଗ ହେଲେ ।

ଏକବିଂଶ ଶତାବ୍ଦୀର ନାଟ୍ରକାର ତଥା ମାହାଙ୍ଗା ସାହିତ୍ୟ ସଂସ୍କୃତି ପରିଷଦର ସଭାପତି ଶ୍ରୀ ଭାବଗ୍ରାହୀ ଦାଶ ଏକ ଉଜ୍ୱଳ ପ୍ରତିଭା। ଓଡ଼ିଆ ନାଟକକୁ ନୂତନ ସ୍ୱାଦ ଚଖାଇବାରେ ଯେଉଁ କେତେଜଣ ବଦ୍ଧ ପରିକର ପ୍ରୟୋଗବାଦୀ ନାଟ୍ୟକାର ନିଜର ନି୍ଠୋ ଓ ନିରତ ସାଧନାକୁ ଅବ୍ୟାହତ ରଖିଛନ୍ତି, ସେମାନଙ୍କ ମଧ୍ୟରେ ଶ୍ରୀ ଭାବଗ୍ରାହୀ ଦାଶ ଏକ ସ୍ୱତନ୍ତ୍ର ଉଚ୍ଚାରଣ। ଆଧୁନିକତାର ବୌଦ୍ଧିକ ନିଗଡ଼ରୁ ନାଟକକୁ ମୁକ୍ତ କରି ଏକ ଭିନ୍ନ ଧରଣର ମୁକ୍ତଧାରାର ନାଟକ ରଚୟିତା ଭାବରେ ସେ ପ୍ରତି ିତ ବ୍ୟକ୍ତିତ୍ୱ। ସୁସଂହତ ସଂଳାପ, ଅନ୍ତରୀଣ ସୌନ୍ଦର୍ଯ୍ୟବୋଧ, ମାର୍ଜିତ ଭାଷା, ଅଭିନବ ଦୃଶ୍ୟ ପରିକଳ୍ପନା ଓ ମନୋବିଶ୍ଳେଷଣ ମାଧ୍ୟମରେ ମୁକ୍ତିର ମାର୍ଗ ଉନ୍ମୋଚନ ତାଙ୍କ ପ୍ରତିଭାର ପରିଚୟ। ମିଥ୍, ମନସ୍ତତ୍ତ୍ୱ, ସର୍ବୋପରି ମଣିଷ ମନତଳର ବେଦନା, ବିରହ, ବିଶ୍ୱାସବୋଧ ଓ ବିଭୋରପଣକୁ ଚମତ୍କାର ଭାବରେ ପରିପ୍ରକାଶ କରିବା ତାଙ୍କର ଅସାମାନ୍ୟ ପ୍ରତିଭାର ପରିଚୟ ଦିଏ ।

ଉନୁଷ୍ୟ ଏକ ସାମାଜିକ ପ୍ରାଣୀ ଭାବରେ ସମାଜରେ ତାର ପ୍ରତି। । ସାମାଜିକ ପ୍ରାଣୀ ଭାବେ ସେ ଯେ କେବଳ ସମାଜକୁ ନିୟନ୍ତ୍ରଣ କରିଥାଏ, ଏହା ନୁହେଁ ସମାଜ ଦ୍ୱାରା ମଧ୍ୟ ସେ ନିୟନ୍ତ୍ରିତ ହୋଇଥାଏ। ତେଣୁ ସମାଜର ସମସ୍ୟା ସହ ମଧ୍ୟ ସେ ଓତପ୍ରୋତଃ ଭାବେ ଜଡ଼ିତ। ମନୁଷ୍ୟ ମନୁଷ୍ୟକୁ ଆତ୍ମୀୟ ଜ୍ଞାନରେ ସାହାଯ୍ୟ କରେ, ପୁଣି ସେହି ମଣିଷ ସ୍ୱାର୍ଥରେ ବଶୀଭୂତ ହୋଇ ସ୍ୱାର୍ଥ ସାଧନ ନିମିତ୍ତ ଉକ୍ତ ମଣିଷକୁ ଖାଲରେ ପକାଏ। ଜୀବନର ପ୍ରତି ମୁହୂର୍ତ୍ତରେ ମସସ୍ୟା ଆମକୁ ଘେରି ରହିଥାଏ। ହୁଏତ ଏହି ସମସ୍ୟା ଆମ ଚେତନ ସ୍ତରରେ ହେଉ ଅବା ଅଚେତନ ସ୍ତରରେ; ପ୍ରଭାବ ପକାଏ। ଜୀବନରେ ପ୍ରାପ୍ତି, ପ୍ରତି ।, ପ୍ରାଚୁର୍ଯ୍ୟ ଓ ସାଫଲ୍ୟତ ପୁଣି କେତେବେଳେ ଘୋର ଅଭାବବୋଧର ଶୂନ୍ୟତାର ଅନ୍ଧାରି ଆବର୍ତ୍ତ ଭିତରେ ତଥାପି ଏକ ଅଦୃଶ୍ୟ ବନ୍ଧନରେ ମନୁଷ୍ୟ ଆବଦ୍ଧ ଥାଏ। ଏହା ସାଧାରଣ ଭାବରେ ଆମ ଆଖିକୁ ଦୃଶ୍ୟ ହେଉ ନଥିଲେ ମଧ୍ୟ ଏହା ଭିତରେ ପେଶି ହୋଇ ଏକ ବିଚିତ୍ର ଯନ୍ତ୍ରଣାରେ ଚିତ୍କାର କରୁଥିବା ମଣିଷମାନେ କିନ୍ତୁ ଖୋଜୁଥାନ୍ତି ମୁକ୍ତିର ସରୁଆ ସଡ଼କଟିଏ। ତାହା ଯେତେ ସଂକୀର୍ଣ୍ଣ ଓ ସଂକଟାପନ୍ନ ହେଉ ନା କାହିଁକି କେତେବେଳେ କେଉଁ ସ୍ୱର୍ଣ୍ଣାଭ ସ୍ୱପ୍ନ ଓ ମୁକ୍ତିର ମଧୁମୂର୍ଚ୍ଛନାରେ ତ, ପୁଣି କେତେବେଳେ ନିଃଶେଷବୋଧର ନେପଥ୍ୟରେ ଥିବା କେଉଁଠି ସତରେ ସେହି ପରିପୂର୍ଣ୍ଣ ଉତ୍ସର୍ଗର ଆତ୍ମିକ ପ୍ରଶାନ୍ତି ପାଇଁ। ଏହିପରି ଏକ ପାରିବାରିକ ସମସ୍ୟାଭିତ୍ତିକ ମୁକ୍ତଧାରାର ନାଟକ ଶ୍ରୀ ଭାବଗ୍ରାହୀ ଦାଶଙ୍କ 'ପ୍ରଜାପତିର ଡେଣା' ।

ନାଟ୍ୟକାର ଶ୍ରୀ ଦାଶଙ୍କ ମତରେ – "ସମକାଳୀନ ସମାଜର ଯାବତୀୟ ପରିବର୍ତ୍ତନ, ତୀକ୍ଷ୍ଣତା, ବାସ୍ତବତା, ନିର୍ମୋହ ଜୀବନ ଏବଂ ମନସ୍ତାତ୍ତ୍ୱିକ ମନ୍ଥନ ତଥା ସତ୍ୟର ନିବେଦନକୁ ରୂପ ଦେବା ହିଁ ଜଣେ ନାଟ୍ୟକାରର ଦାୟିତ୍ୱ। ନାଟ୍ୟକାର ଯେ କେବଳ ଏକ ପାରିବାରିକ କାହାଣୀ ନିର୍ବାଚନ କରି ଲେଖନୀ ଚାଳନା କରେ, ତାହା ନୁହେଁ ସମାଜ ପ୍ରତି ଏକ ଅଙ୍ଗୀକାରବଦ୍ଧତାର ଦାୟିତ୍ୱ ନେଇ ତାକୁ ନିର୍ବାହ କରେ। ଚିତ୍ରଟିଏ ଆଙ୍କିବାକୁ ହେଲେ ରେଖାର ଯେପରି ଏକାନ୍ତ ପ୍ରୟୋଜନ, ନାଟକ ପାଇଁ କାହାଣୀଟିଏ ସେହିପରି ଅପରିହାର୍ଯ୍ୟ। ଏଥିରେ ମଣିଷ ଜୀବନର ଏକ ଯୁକ୍ତି ସଂଗତ, ସ୍ୱୟଂ ସମ୍ପୂର୍ଣ୍ଣ ଓ ଯାଥା ସମ୍ଭବ ପୂର୍ଣ୍ଣାଙ୍ଗ ଚିତ୍ର ଅଙ୍କନ କରିବାକୁ ପ୍ରୟାସଟିଏ କରାଯାଇଥାଏ ।

_ଏଗାରଟି ଦୃଶ୍ୟ ବିଶିଷ୍ଟ ଏବଂ ଛ'ଗୋଟି ଚରିତ୍ରକୁ ତାଙ୍କ ନାଟକ 'ପ୍ରଜାପତିର ଓଡ଼ିଶା', ଯେଉଁଥିରେ ସେ ମୁକ୍ତିର ମାର୍ଗଟିକୁ ଉନ୍ମୋଚନ କରିଛନ୍ତି ନାଟକଟିର

ମୁଖ୍ୟ ନାୟକ ଜୟନ୍ତ ମାଧ୍ୟମରେ। ନାଟକର ମୁଖ୍ୟ ନାୟକ ଜୟନ୍ତ, ବୟସ ୫୫, ଅବିବାହିତ, କୌଣସି ଏକ ଘରୋଇ କମ୍ପାନୀର ଏବଂ କ୍ୟାନ୍ସର ପେସେଣ୍ଟ ଓ ନାୟିକା ପ୍ଳାବିନୀ, ବୟସ ୩୦, ସୁନ୍ଦରୀ କିନ୍ତୁ ଚାକିରି ନ ପାଇ ବେକାର। ଏ ଦୁହେଁ ପାର୍କରେ କଥା ହେଉଥିବାର ନାଟକରେ ଦେଖିବାକୁ ମିଳେ। ଟ୍ରେନ୍‌ରେ ସିଟ୍ ନ ପାଇଥିବା ହେତୁ ପ୍ଳାବିନୀ ଜୟନ୍ତକୁ ଗାଲିଗୁଲଜ କରିଥିଲେ ଏବଂ ସେହି ଘଟଣାକୁ କେନ୍ଦ୍ର କରି ଦୁହେଁ କଥାବାର୍ତ୍ତା ହେଉଥିବାର ଜଣା ପଡ଼େ। କାଥାବାର୍ତ୍ତାରୁ ଜୟନ୍ତର ସଂଳାପ ସମୟ ସମୟରେ ଚଷସକ୍ଷକ୍ଟୱକ୍ଟକ୍ତ୍ରଷସମବକ୍ଷ ହୋଇ ପଡୁଥିବାର ଦେଖାଯାଏ, କିନ୍ତୁ ପରେ ଜଣାପଡ଼େ ଜୟନ୍ତ କ୍ୟାନ୍ସରରେ ପୀଡ଼ିତ। ଏହିପରି ଭାବେ ନାଟକର ଆରମ୍ଭ ହୁଏ ।

ପ୍ଳାବିନୀ, ଯାହା ଜୟନ୍ତର ପାର୍କରେ ଦେଖା ହୋଇଥିଲା ସେ ଜୟନ୍ତ ସହିତ ବିବାହ କରିବାକୁ ଆସେ, ଯେଉଁ ବିବାହ ପଛରେ ପ୍ଳାବିନୀର କିଛି ସ୍ୱାର୍ଥ ଥିବାର ଜଣାପଡ଼େ। ଏହି ସ୍ୱାର୍ଥତାର ପରିଚୟ ମିଳେ ତା'ର ଏହି ସଂଳାପ ମାଧ୍ୟମରେ – "ପ୍ଳାବିନୀ - ଯଦି ମୁଁ ଆପଣଙ୍କୁ ବିବାହ କରେ ତା ହେଲେ ଆପଣଙ୍କ 'Legal Wife' ଭାବରେ ଆପଣଙ୍କ ମୃତ୍ୟୁ ପରେ ଅନ୍ତତଃ କ୍ଷତିପୂରଣ ବାବଦରେ କମ୍ପାନୀରେ ଚାକିରିଟିଏ ତ ପାଇ ପାରିବି। ମୁଁ ଜାଣେ ଏ ସୁବିଧା ଏବେ କେବଳ ଆପଣଙ୍କ କମ୍ପାନୀରେ ଅଛି। (ପ୍ରାଜପତିର ଡେଣା : ପୃ-୨୪)

ପ୍ଳାବିନୀର ପରବର୍ତ୍ତୀ ସଂଳାପରେ ମଧ୍ୟ - "ପ୍ଳାବିନୀ – ଦେଖନ୍ତୁ ଏ ଅବସ୍ଥାରେ ଆପଣଭ୍ଙ୍କ ପାଖରେ ଏଠାରେ କେହି ନାହାନ୍ତି। ଅନ୍ତତଃ ବିବାହ କଲା ପରେ ଆପଣଙ୍କ ଘର, ବାହାର ଏବଂ ଚିକିତ୍ସାର ଦାୟିତ୍ୱ ବହନ କରିବା ସହିତ ଆପଣଙ୍କୁ ଉପଯୁକ୍ତ ସେବା ତ ଦେଇ ପାରିବି। ଏପରିକି ଶେଷ ସମୟରେ ଆପଣ ଶାନ୍ତିରେ ଆଖି ବୁଜି ପାରିବେ। ଆଉ ପ୍ରତିଦାନରେ ଆପଣଙ୍କ 'Legal Wife' ହିସାବରେ କିଛି Deathn Benefit ସହିତ ଚାକିରିଟିଏ ପାଇ ମୁଁ ଏକ ସୁସ୍ଥ ସୁନ୍ଦର ଜୀବନ ବିତେଇ ପାରିବ ।"

ପରେ ଜୟନ୍ତ ପ୍ଳାବିନୀକୁ ବିବାହ କରେ ମଧ୍ୟ। ତଥାପି 'Legal Wife' ଶବ୍ଦଟି ନାୟକ ଜୟନ୍ତ ହୃଦୟରେ ଗଭୀର ରେଖାପାତ କରେ। ଯାହା ଆମେ ଦେଖୁ ନାଟକର ଶେଷ ଯବନିକା ପର୍ଯ୍ୟନ୍ତ ଏହି ଶବ୍ଦଟି ପାଇଁ ଦୁହେଁ କଦାପି ଏକ ହୋଇପାରନ୍ତି ନାହିଁ ।

ନାଟକର ଅଗ୍ରଗତିରେ ପ୍ଳାବିନୀ ପ୍ରଥମେ ଜୟନ୍ତର 'Legal Wife' ଭାବେ ରହିବାକୁ ଚାହୁଁଥିଲେ ହେଁ ପରେ ସେ ଜୟନ୍ତକୁ ଭଲ ପାଇବାରେ ଲାଗିଛି ଏବଂ ଜୟନ୍ତର ସ୍ୱାସ୍ଥ୍ୟର ଯତ୍ନ ନେଇଛି। ହେଲେ ଜୟନ୍ତ ତାଙ୍କୁ ନିଜର 'Legal Wife' ଭାବରେ ମାନି ନେଇ ନାହାନ୍ତି। କୌଣସି ପ୍ରକାରେ ଜୟନ୍ତ ପ୍ଳାବିନୀକୁ ନିଜ ସ୍ତ୍ରୀର ଅଧିକାର ଦେଇ ନାହାନ୍ତି। ଜୟନ୍ତର ସଂଳାପ - ଜୟନ୍ତ- Please don't forget that you are my legal wife. (ପୃ -୮୦)

ନାଟ୍ୟକାର ଶ୍ରୀ ଦାଶ ନାଟକରେ ଟୁଇଷ୍ଟ ଆଣିବାକୁ ଯାଇ ବିଜନ ଚରିତ୍ରର ଅବତାରଣା କରିଛନ୍ତି। ଜୟନ୍ତ ତାଙ୍କୁ ନିଜ ସାନଭାଇ ଭଳି ଦେଖୁଥିଲେ ହେଁ ଜୟନ୍ତ ସହ ସେ ଶେଷ ମୁହୂର୍ତ୍ତରେ ବିଶ୍ୱାସଘାତକତା କରିଛି। ଜୟନ୍ତର ପ୍ରଥମରୁ ସବୁ କାର୍ଯ୍ୟରେ ସାହାଯ୍ୟ କରି ଆସୁଥିଲେ ହେଁ ଜୟନ୍ତ ପ୍ଳାବିନୀ ସହ ବିବାହ କରିବା ପରେ ବିଜନ ଚରିତ୍ରର ଅନ୍ତର୍ନିହିତ ସତ୍ତାରେ ଲୁଚିଥିବା ପାଶବିକ ଚରିତ୍ରଟିକୁ ନାଟ୍ୟକାର ଆବିଷ୍କାର କରିଛନ୍ତି। ପ୍ଳାବିନୀକୁ ଲୋଭାସକ୍ତ ଦୃଷ୍ଟିରେ ଦେଖିଛି। କିନ୍ତୁ ପ୍ଳାବିନୀ ତାଙ୍କୁ ଏହି କାର୍ଯ୍ୟ ପାଇଁ ଧିକ୍‌କାର କରିଛି। ନିଜର ଶାନ୍ତଶିଷ୍ଟ ସ୍ୱଭାବ ବିଶିଷ୍ଟ ରୂପ ହଠାତ୍ ପାଶବିକ ରୂପରେ ରୂପାନ୍ତରିତ ହୋଇ ସେ ପ୍ଳାବିନୀକୁ କହିଛି –

"ବିଜନ - ମରିଚିକାର ମାନଚିତ୍ର ଥିବା ଛୋଟଛୋଟ ସୀମା ସରହଦ ଭିତରେ ଆପଣ ରକ୍ତାକ୍ତ ହୋଇ ଜଳାଶୟର ସନ୍ଧାନ କରୁଥିଲେ ନା? ଭାବିଥିଲେ ଖୁବ୍ ଶୀଘ୍ର ସେହି ସରହଦକୁ ଅତିକ୍ରମ କରି ସାର୍ଥକ କରିଥାନ୍ତେ ଆପଣଙ୍କ କୁଆଁରୀ କଳ୍ପନାକୁ। ଯେଉଁଥି ପାଇଁ ମୃତ୍ୟୁ ଆସନ୍ନ ଜାଣି ସୁଦ୍ଧା ଆପଣ ବାହା ହୋଇଥିଲେ ଜଣେ ଅତିକ୍ରାନ୍ତ ବୟସର କ୍ୟାନ୍ସର ପେସେଣ୍ଟକୁ। ଆଉ ତା'ର ଯରବଷ୍ୱଷ ଭରଭରଲସଷ୍ୱକୁ ନେଇ ଲୋକଟାର ଦେହର ପାଉଁଶ ଉପରେ ଗଢ଼ିଥାନ୍ତେ ଆପଣଙ୍କର ସ୍ୱପ୍ନର ତାଜମହଲ। କିନ୍ତୁ ହାୟ! ଲୋକଟା ଏତେ ଶୀଘ୍ର ମରୁନାହିଁ। ସେ ଏବେ ରୋଗମୁକ୍ତ। (ପୃ- ୭୬)

ବିଜନ୍‌ର ଅନ୍ୟ ଏକ ସଂଳାପରେ – "ବିଜନ୍ –

ଥ୍ରୋଟ୍‌ରେ 'Radiotherapy Treatment' ପରେ ସେହି ବୃଦ୍ଧର ବିକୃତ ବିଭତ୍ସ ଚେହେରାକୁ ଥରେ ଦେଖିଛନ୍ତି ଆପଣ?" (ପୃ -୭୬)

ମନୁଷ୍ୟର ଚିନ୍ତାକେନ୍ଦ୍ରରେ ଘଟି ଯାଉଥିବା ଖଣ୍ଡିତ ଦୃଶ୍ୟକୁ ତଥା ମନସ୍ତାତ୍ତ୍ୱିକ ଦିଗଟିକୁ ଦର୍ଶକଙ୍କ ଆଗରେ ପରିବେଷଣ କରିବାକୁ ଯାଇ ନାଟ୍ୟକାର ଶ୍ରୀ ଦାଶ ଏଠାରେ ଏକ ଛାୟା ଚରିତ୍ରର ପରିକଳ୍ପନା କରିଛନ୍ତି। ଏହି ଛାୟାମୂର୍ତ୍ତି ଜୟନ୍ତର, ଯିଏ ଜୟନ୍ତ ସହ କଥା ହେଉଛି। ବିଜନ୍ ଓ ପ୍ଲାବିନୀର କଥୋପକତନ ଶୁଣି ଜୟନ୍ତ ମନରେ ବା ତା' ଚିନ୍ତାକେନ୍ଦ୍ରରେ କ'ଣ ଘଟୁଛି, ତାହାକୁ ଦର୍ଶକଙ୍କ ଆଗରେ ଉପସ୍ଥାପନ କରିବାକୁ ଯାଇ ଏହି ଛାୟା ଚରିତ୍ରର ପରିକଳ୍ପନାରେ ନାଟ୍ୟକାର ବିଶେଷ ସଫଳ ହୋଇଥିବାର ମନେ ହୁଅନ୍ତି।

ଏଠାରେ ଗୋଟିଏ କଥା ସ୍ପଷ୍ଟ କରିଦେବାକୁ ଚାହେଁ ଯେ ଅଶୀ ପରବର୍ତ୍ତୀ ଓଡ଼ିଆ ନାଟକରେ 'ରୂପାନ୍ତର ଶୈଳୀ'ର ପ୍ରୟୋଗ ବିଶେଷ ଭାବରେ ହୋଇଥିବାର ଦେଖାଯାଏ। ଏହି ଶୈଳୀ ମାଧ୍ୟମରେ ଗୋଟିଏ ଚରିତ୍ର ଅନ୍ୟ ଏକ ଚରିତ୍ରକୁ ରୂପାନ୍ତରିତ ହୋଇଯାଏ। ରୂପାନ୍ତରିତ ଚରିତ୍ର ପୂର୍ବ ଚରିତ୍ରକୁ ଆଉ ଫେରି ନଥାଏ। ଇଂରାଜୀରେ ଏହାକୁ 'Transformation of Character' କୁହାଯାଇଥାଏ। ଏହି ଶୈଳୀ ମଧ୍ୟ ପାଶ୍ଚାତ୍ୟ ନାଟ୍ୟଶାଳାରେ ପରୀକ୍ଷିତ ଏବଂ ପରିବେଷିତ। ମାତ୍ର ଏହି ନାଟକରେ ଯେଉଁ ଛାୟା ଚରିତ୍ର ତାହାକୁ ଜୟନ୍ତର ରୂପାନ୍ତରିତ ଚରିତ୍ର ବୋଲି କୁହାଯାଇ ପାରିବ ନାହିଁ। କାରଣ ଏଠାରେ ଛାୟାମୂର୍ତ୍ତି ଜୟନ୍ତ ସହ କଥାବାର୍ତ୍ତା କରୁଛି। ଚରିତ୍ରର ପରିବର୍ତ୍ତନ ଘଟୁଛି ବୋଲି ମଧ୍ୟ କୁହାଯାଇ ପାରିବ ନାହିଁ। କାରଣ ଏଠାରେ ଜୟନ୍ତ ଚରିତ୍ରର ପରିବର୍ତ୍ତନ ଘଟୁନାହିଁ। କେବଳ ଜୟନ୍ତଙ୍କ ଏକ ନିର୍ଦ୍ଦିଷ୍ଟ ସମୟର ଭାବରାଜ୍ୟରେ ଘଟିଯାଉଥିବା ଅସ୍ପଷ୍ଟ ଦୃଶ୍ୟରାଜିକୁ ସ୍ପଷ୍ଟତାର ସହ ଦର୍ଶକଙ୍କ ସମ୍ମୁଖରେ ତୋଳି ଧରିବା ପାଇଁ ଛାୟା ଚରିତ୍ରର ଅବତାରଣା। ନାଟ୍ରକାରଙ୍କ ମତରେ – "ଛାୟାମୂର୍ତ୍ତି ହିଁ ଜୟନ୍ତଙ୍କ ଅନ୍ତରାତ୍ମାର ପ୍ରତିନିଧିତ୍ୱ ଛାୟା ଚରିତ୍ରର ଅବତାରଣା। (ପୃ – ୭୭)। ବି.ଦ୍ର. - ପାଠକଙ୍କ ଅବଗତି ନିମନ୍ତେ ସୂଚୀତ କରାଗଲା।

ବିଜନ ପ୍ଲାବିନୀ ମଧ୍ୟରେ କଥୋପକଥନ ପରେ ଜୟନ୍ତ ବୁଝି ପାରିଛି ପ୍ଲାବିନୀ ତା ଜୀବନ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ। ସେ ପ୍ଲାବିନୀକୁ ଶେଷରେ ଭଲ ପାଇବାରେ ଲାଗିଛି; ହେଲେ ଏଥିରେ ବାଧକ ସାଜିଛି ଜୟନ୍ତର ଛାୟାମୂର୍ତ୍ତି। ଛାୟାମୂର୍ତ୍ତି ଜୟନ୍ତକୁ ପୁଣିଥରେ ବିଜନର ଉକ୍ତିଟିକୁ ମନେ ପକାଇ ଦେଇଛି – "ଛାୟା – ବିଜନ୍‌ର କଥାକୁ ତୁମେ କ'ଣ ଶୁଣି ପାରିଲନି?

ଜୟନ୍ତ - ବିଜନ୍?

ଛାୟା – କ୍ୟାନ୍‌ସର ତୁମକୁ ତୁମ ବୟସ ତୁଳନାରେ ଅଧିକ ବୃଦ୍ଧ କରି ଦେଇଚଇ। ଥ୍ରୋଟ୍‌ରେ Radiotheray Treatment ପରେ ଆଜି ତୁମ ଚେହେରାକୁ ଆଇନାରେ ଥରେ ଦେଖ ତ। କେତେ ବିଭତ୍ସ ବିକୃତ ଦେଖାଯାଉଛ।

ଜୟନ୍ତ - (ଅସହାୟତାର ସ୍ୱର) ଆଃ .... ।" (ପୃ-୭୮)

ଅସହାୟତାର ଯନ୍ତ୍ରଣାରେ ଛଟପଥ ହୋଇ ଜୟନ୍ତ କାନ୍ଦିବାରେ ଲାଗିଛନ୍ତି। ପ୍ରାଚୀନ କାଳରୁ ସମ୍ପ୍ରତି ମଣିଷ ସମୟର ହିଁ ଦାସତ୍ୱ ହୋଇ ରହିଛି। ସମୟ ମଣିଷକୁ ସର୍ବଦା ତା' ଇଙ୍ଗିତରେ ପରିଚାଳିତ କରୁଛି। ନାଟକର ଆରମ୍ଭରେ ଜୟନ୍ତ ଓ ପ୍ଲାବିନୀ ମଧ୍ୟରେ କୌଣସି ସମ୍ପର୍କ ନଥିଲେ ହେଁ ଏବେ ସେମାନେ ସ୍ୱାମୀ-ସ୍ତ୍ରୀ। ସ୍ୱାମୀ ସ୍ତ୍ରୀ ହୋଇ ମଧ୍ୟ କି ଲାଭ ଯଦି ତହିଁରେ କିଛି ସର୍ତ୍ତ ଥାଏ? ଏ ମିଳନ ଏକ ଛଳନା ନୁହେଁତ ଆଉ କ'ଣ? ବିବାହ ଏକ ସର୍ତ୍ତହୀନ ପବିତ୍ର ମିଳନ। ସର୍ତ୍ତ ରହିଲେ ସେହି ସମ୍ପର୍କ ଏକ ଜଡ଼ତ୍ୱରେ ପରିଣତ ହୋଇଯାଏ। ପ୍ଲାବିନୀ 'Legal Wife' ଭାବରେ ଜୟନ୍ତ ସହ ରହିବାକୁ ଚାହିଁଥିଲେ ହେଁ ପରେ ସେ ଜୟନ୍ତଙ୍କୁ ଭଲ ପାଇଛି। ଜୟନ୍ତଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେଇଛି। ସେହିପରି ମଧ୍ୟ ବ୍ୟତିକ୍ରମ ଦେଖୁ ଜୟନ୍ତଙ୍କ ଭଲ ପାଇବାରେ। ଜୟନ୍ତଙ୍କର ଆଶା, ଆକାଙ୍‌କ୍ଷା, ଖୁସି ସେବେଠାରୁ ମଉଳି ପଡ଼ିଥିଲା ଯେବେଠାରୁ ସେ ପ୍ଲାବିନୀଙ୍କ ଠାରୁ ଶୁଣିବାକୁ ପାଇଛନ୍ତି ଯେ ସେ କେବଳ ତାଙ୍କ ପାଖରେ 'ଖରଶବକ୍ଷ ଡସଲର' ହୋଇ ରହିବେ ଏବଂ ଜୟନ୍ତଙ୍କ ମୃତ୍ୟୁ ପରେ ତାଙ୍କ ସମସ୍ତ ଡେଥ୍ ବେନିଫିଟ୍‌ର ହକ୍‌ଦାର ହେବେ। ସେହିଦିନଠାରୁ ପ୍ଲାବିନୀ ଜୟନ୍ତଙ୍କୁ ଭଲ ପାଉଥିଲେ ମଧ୍ୟ ତାଙ୍କ ମୁଖରେ କେବଳ ଗୋଟିଏ କଥା – "ମୋ ମୃତ୍ୟୁରେ ତୁମେ ହୁଏତ ନୂଆ ଜୀବନଟିଏ ପାଇଯିବ, ହେଲେ ଯଦି ମୁଁ ଜୀବନ ପାଇଯାଏ ତା' ହେଲେ ତୁମ ଅବସ୍ଥା କ'ଣ ହେବ? (ପୃ-୭୧) ତଥାପି ଜୟନ୍ତ ପ୍ଲାବିନୀକୁ ପ୍ରତ୍ୟକ୍ଷ ଭାବେ ଜଣା

ନପଡୁଥିଲେ ମଧ୍ୟ ମନେମନେ ଭଲ ପାଉଥିବାର ଏକ କ୍ଷୀଣ ଅଭା।ସ ଦେଖିବାକୁ ମିଳେ। ଏହି କ୍ଷୀଣ ଆଭାସ ପୂର୍ଣ୍ଣତାରେ ପରିଣତ ହୁଏ। ପ୍ଲାବିନୀ – ବିଜନ୍ ବାର୍ତ୍ତାଳାପ ପରେ। ହେଲେ ଏଥିରେ ମଧ୍ୟ ସଫଳତା କାହିଁ? ଜୟନ୍ତଭ୍ଙ୍କ ନିଜ ଛାୟାମୂର୍ତ୍ତି ହିଁ ଏହିଥିରୁ ନିବୃତ୍ତ ହେବାକୁ ବାଧ୍ୟ କରେ। ହୁଏତ ସେମାନେ କେବେ ଏକାଠି ହେବା ଏହା ବିଧି ନିର୍ଦ୍ଦିଷ୍ଟ ନୁହେଁ। ଜୟନ୍ତ ଏଥିରେ ନିରୁପାୟ ହୋଇ ମୁକ୍ତି ପଥକୁ ଆଦରି ନିଏ। ନିଜର ସମସ୍ତ ସମ୍ପତ୍ତି, ଘରଦ୍ୱାର, ବ୍ୟାଙ୍କ ବାଲାନ୍ସ ପ୍ଲାବିନୀ ନାମରେ କରାଇ ଦେଇ ସେ ମୁକ୍ତିର ପଥରେ ଆଗେଇ ଯାଏ। ଏହାର ଏକ ପୂର୍ଣ୍ଣାଙ୍ଗ ଚିତ୍ର ଆମେ ଦେଖିବାକୁ ପାଉ ନାଟକର ଅନ୍ତିମ ଦୃଶ୍ୟରେ ଯେତେବେଳେ ଜୟନ୍ତ ଘରକୁ ନ ଆସିବାର ଦେଖି ପ୍ଲାବିନୀ ବହୁ ବିଚଳିତ ହୋଇ ପଡୁଥାଏ। ହଠାତ୍ ଆଡ୍‌ଭୋକେଟ ତରୁଣ ମିଶ୍ର ଜୟନ୍ତ ଘରକୁ ଆସି ଜୟନ୍ତଙ୍କ ସ୍ତ୍ରୀ ଅର୍ଥାତ୍ ପ୍ଲାବିନୀକୁ ବିଲ୍‌ଡିଂର କାଗଜପତ୍ର, ତାଙ୍କ ନାମରେ ଖୋଲା ଯାଇଥିବା ବ୍ୟାଙ୍କ ଖାତା, ପାଞ୍ଚ ଲକ୍ଷ ଟଙ୍କାର ଫିକ୍ସଡ୍ ଡିପୋଜିଟର ସାର୍ଟିଫିକେଟ ଆଦି ଦିଅନ୍ତି ଏବଂ ଏଥି ସହିତ ଜୟନ୍ତଙ୍କ ଦ୍ୱାରା ଦିଆ ଯାଇଥଲା ଲଫାଫାଟିଏ ମଧ୍ୟ ଦିଅନ୍ତି। ଲଫାଫାଟିକୁ କାଢ଼ି ପଢ଼ିଲା ପରେ ଜୟନ୍ତ ଯେ ଘର ଛାଡ଼ି ମୁକ୍ତିର ମାର୍ଗକୁ ଅନୁସରଣ କରି ନେଇଛନ୍ତି ତାହା ଜଣାପଡ଼େ। ଲଫାଫା ମାଧ୍ୟମରେ ପ୍ଲାବିନୀକୁ ମୁକ୍ତିର ବାଣୀ ଶୁଣାଇ କହିଛନ୍ତି – "ତୁମେ ଏବେ ମୁକ୍ତ, ତୁମ ହାତରେ ତୁମର ଜୀବନ ଓ ଭବିଷ୍ୟତ। ତାକୁ ତୁମେ ତୁମ ଇଚ୍ଛା ମୁତାବକ ପୁଣି ଥରେ ନୂଆ କରି ଗଢ଼ିବ ବୋଲି ମୋ ଆଶା ।" (ପୃ -୮୭)। ତଥାପି ଜୟନ୍ତଙ୍କୁ ନ ପାଇବା ଯାଏ ପ୍ଲାବିନୀର ଅନ୍ୱେଷଣ ଅବ୍ୟାହତ ରହବି ଜୀବନ ତମାମ୍ ଏବଂ ଏଥି ସହିତ ନାଟକର ପରିସମାପ୍ତି ।

ରମେଶ ପାଣିଗ୍ରାହୀ ତାଙ୍କ 'ମୁକ୍ତଧାରାର ନାଟକ'ର ଆଦ୍ୟ କଥନରେ କହିଛନ୍ତି – "ମୁକ୍ତଧାରାର ନାଟକ" କାଳଗ୍ରସ୍ତ ହୋଇଥିବା ସତ୍ତ୍ୱେ କାଳତୀତ। ପୁଣି ବସ୍ତୁଧର୍ମୀ ଓ କାଳଗ୍ରସ୍ତ ନାଟକ ବିରୁଦ୍ଧରେ ଯୁଦ୍ଧ ଘୋଷଣା। କୂଳ ଲଂଘିବାର ଇଚ୍ଛାଶକ୍ତି। ନାଟ୍ୟକାର ଏଠାରେ ଦ୍ରଷ୍ଟା ନୁହେଁ। ବଦଳୁଥିବା ସମାଜ ଓ ସମୟ ସହିତ ନାଟକର ଶୈଳୀ ମଧ୍ୟ ବଦଳିଗଲେ। ପାରମ୍ପରିକତାର ବନ୍ଧନ କାଟି ମୁକ୍ତଧାରାର ଲେଖିବାକୁ ହେଲେ ଇତିହାସ ପ୍ରେକ୍ଷାର ଶୈଳୀ ଉଦ୍‌ବର୍ତ୍ତନକୁ ଦେଖିବାକୁ ହେବ ।" ତେଣୁ ଦୁଇଟି ସ୍ତରରେ ମୁକ୍ତି ଅନ୍ୱେଷା ସଂଘଟିତ ହୋଇ ପାରେ ବୋଲି ସେ କୁହନ୍ତି। (କ) ନାଟ୍ୟ ସୃଜନର ସ୍ତର (ଖ) ନାଟ୍ୟ ପରିବେଷର ସ୍ତର। ଯଦି ସୃଜନର ସ୍ତରରେ ମୁକ୍ତି ଅନ୍ୱେଷା କରାଯାଏ, ତାହାହେଲେ କଥାକଳ୍ପ, ଦୃଶ୍ୟ ସଂରଚନା, ଆଖ୍ୟାନ ଭଂଗୀ ପ୍ରଭୃତି ପ୍ରତ୍ୟେକ ଅଂଶ ସହିତ ଜଡ଼ିତ ପ୍ରଶାନ ଶୃଙ୍ଖଳା ଗୁଡ଼ିକୁ ଭାଙ୍ଗି ଏକ ନୂତନ ପରୀକ୍ଷାମୂଳକ ନାଟକ ସୃଷ୍ଟି କରିବାକୁ ହେବ। ଦ୍ୱିତୀୟ ସ୍ତରରେ ନାଟ୍ୟକାରଙ୍କୁ ମୁକ୍ତିର ଅନ୍ୱେଷାରେ ଉର୍ଦ୍ଧ୍ୱକୁ ଉଠି ଦର୍ଶକମାନଙ୍କ ସହିତ ମଧ୍ୟ ସମ୍ପର୍କ ସ୍ଥାପନ କରିବାକୁ ପଡ଼ିବ। ତା ହେଲେ ଯାଇ ମୁକ୍ତିର ବାର୍ତ୍ତାଟି ପ୍ରସାରିତ ହେବ। ଯେତେଦୂର ଲାଗେ ନାଟ୍ୟକାର ଶ୍ରୀ ଭାବଗ୍ରାହୀ ଦାଶ ନାଟ୍ୟ ପରିବେଷଣ ସ୍ତର କ୍ଷେତ୍ରରେ ସଫଳ ଲାଭ କରିଛନ୍ତି ।

ଶ୍ରୀ ଦାଶଙ୍କ 'ପ୍ରଜାପତିର ଡେଣା' ନାଟକଟିର ମଞ୍ଚ ସଂଯୋଜନାରେ ମଧ୍ୟ ଅଭିନବତା ବିଶେଷ ନାହିଁ। ସମଗ୍ର ମଞ୍ଚକୁ ତିନୋଟି ଜୋନ୍‌ରେ ବିଭକ୍ତ କରାଯାଇଛି। ପ୍ରଥମ ଜୋନ୍ ଅର୍ଥାତ୍ ମଞ୍ଚର ଡାହାଣ ପାର୍ଶ୍ୱର୍ରେ ଜୟନ୍ତଙ୍କ ଭଡ଼ାଘର। ଦ୍ୱିତୀୟ ଜୋନ୍ ମଞ୍ଚର ବାମ ପାର୍ଶ୍ୱର୍ରେ ପ୍ଲାବିନୀ ମହାନ୍ତିଙ୍କ ଘର। ମଞ୍ଚର ପଛ ତଥା ମଧ୍ୟ ଭାଗକୁ ତୃତୀୟ ଜୋନ ଭାବେ ଗ୍ରହଣ କରାଯାଇଛି। ଏହା ଟିକିଏ ଉଚ୍ଚରେ ରହିବାକୁ ନାଟ୍ୟକାର ନିର୍ଦ୍ଦେଶ ଦେଇଛନ୍ତି। ଏହି ଜୋନ୍‌କୁ ପାର୍କ ଭାବେ ବ୍ୟବହାର କରାଯିବ। ତଥାପି ନାଟ୍ୟକାର ଶ୍ରୀ ଦାଶ ଅଭିଜ୍ଞ ନିର୍ଦ୍ଦେଶକମାନଙ୍କୁ ସେମାନେ ଚାହିଁଲେ ନାଟକ ସମଗ୍ରର ପୃ ଭୂମିରେ ଥିବା ଚରିତ୍ର ଓ ସ୍ଥାନାଦିକୁ ମଞ୍ଚରେ ସ୍ଥାପନ କରିବା ପାଇଁ ନିଜ ପରିକଳ୍ପନା ମାନଚିତ୍ରଟିଏ ଆଙ୍କି ସେଥିରେ ଚିହ୍ନଟ କରିବା ସହ ଚୂଡାନ୍ତ ମଞ୍ଚ ପ୍ରସ୍ତୁତ କରି ପାରିବେ ବୋଲି ନିର୍ଦ୍ଦେଶ ଦେଇଛନ୍ତି।

ନାଟ୍ୟକାର ଶ୍ରୀ ଭାବଗ୍ରାହୀ ଦାଶଙ୍କ 'ପ୍ରଜାପତତ୍ର ଡେଣା' ଛଡ଼ା ଅନ୍ୟ ଦୁଇଟି ନାଟକ 'ହଂସ ମୈଥୁନ' ଏବଂ 'ଛାଇ' ପ୍ରକାଶିତ ହୋଇଛି। ଏଥି ମଧ୍ୟରୁ ନାଟକ 'ହଂସ ମୈଥୁନ' ମାହାଙ୍ଗା ସାହିତ୍ୟ ସଂସ୍କୃତି ପରିଷଦ ଦ୍ୱାରା ପ୍ରକାଶିତ ହୋଇଛି ଏବଂ ତାଙ୍କ 'ଛାଇ' ନାଟକ ବିଜୟିନୀ ପବ୍ଲିକଶେନ, କଟକ ଦ୍ୱାରା ପ୍ରକାଶ ପାଇଛି। ନିକଟରେ ଶ୍ରୀ ଦାଶଙ୍କ 'ଛାଇ' ନାଟକ ତା୨୧.୦୧.୨୦୨୩ରିଖ ଅନ୍ନପୂର୍ଣ୍ଣା ଥିଏଟର (ବି) ଗ୍ରୁପ୍, କଟକ ଦ୍ୱାରା ଅଭିନୀତ ଏବଂ ଉଚ୍ଚ ପ୍ରଶଂସିତ ।

ଉପସଂହାରରେ ଏତିକି କୁହାଯାଇ ପାରେ ଯେ ଶ୍ରୀ ଦାଶଙ୍କ 'ପ୍ରଜାପତିର ଡେଣା" ଯଦିଓ ଭାଷା ଦୃଷ୍ଟିରୁ

କେତେକାଂଶରେ ତ୍ରୁଟି ରହିଛି, ତଥାପି ତାଙ୍କ ନାଟକର ଭାଷା ସରଳ ଓ ବୋଧଗମ୍ୟ। କଥାବସ୍ତୁ ନିର୍ଣ୍ଣୟ, ଚରିତ୍ର ସଂଯୋଜନା ତଥା ଚରିତ୍ରମାନଙ୍କର ସରଳ ସଂଳାପ ନାଟକକୁ ଆହୁରି ମନୋରମ କରିଛି। ଏହାକୁ ଏକ ସଫଳ ମୁକ୍ତଧାରାର ନାଟକ ବୋଲି ମଧ୍ୟ ଗ୍ରହଣ କରାଯାଇପାରେ। ବୌଦ୍ଧିକତାର ନାଗଫାଶରୁ ନାଟକର ନିଗଡ଼ଟିକୁ ଟାଣି ଆଣି ସେଥିରେ ପୁଣି ପରମ୍ପରା ଯୋଡ଼ି ମୁକ୍ତିର ବାର୍ତ୍ତା ପ୍ରଚାର କରିବା ନାଟ୍ୟକାରଙ୍କର ଏକ ବୈଶିଷ୍ଟ୍ୟ। ତାଙ୍କର ସଦ୍ୟ ପ୍ରକାଶିତ 'ଛାଇ' ନାଟକର ମଧ୍ୟ ଏହି ମୁକ୍ତିର ବାର୍ତ୍ତା ଅନୁରଣିତ।

**ସହାୟକ ଗ୍ରନ୍ଥ ସୂଚୀ :**

୧-ଦାଶ, ଭାବଗ୍ରାହୀ : 'ପ୍ରଜାପତିର ଡେଣା', ବିଜୟିନୀ ପବ୍ଲିକେଶନ, କଟକ, ପ୍ରଥମ ସଂସ୍କରଣ, ୨୦୨୧ ।

୨-ଦାସ ଅଜିତ କୁମାର (ସଂ) : 'ସମୀକ୍ଷକଙ୍କ ଦୃଷ୍ଟିରେ ଉତ୍ତର ଅଶୀ ଓଡ଼ିଆ ସାହିତ୍ୟ, ବିଦ୍ୟା ପ୍ରକାଶନ, ବାଲୁବଜାର, କଟକ – ୨, ପ୍ରଥମ ସଂସ୍କରଣ – ୨୦୨୧।

୩-ପାଣିଗ୍ରାହୀ ରମେଶ ପ୍ରସାଦ : 'ମୁକ୍ତଧାରାର ନାଟକ', ଫ୍ରେଣ୍ଡ୍ସ ପବ୍ଲିଶର୍ସ, ବାଲୁବଜାର, କଟକ-୨, ପ୍ରଥମ ସଂସ୍କରଣ – ୨୦୧୬ ।

୪- ମିଶ୍ର ସଂଘମିତ୍ରା : 'ଓଡ଼ିଆ ନାଟକ : ସ୍ଥିତି ଓ ବିସ୍ତୃତି', ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ-୨, ୧ମ ସଂସ୍କରଣ -୨୦୧୪ ।

୫- ଫୋନିକ ବାର୍ତ୍ତାଳାପ : ଶ୍ରୀ ଭାବଗ୍ରାହୀ ଦାଶ, ତା୨୦।୧।୨୦୨୩

●

ବାଗୀଶ
ପ୍ରଥମ ବର୍ଷ, ସଂଖ୍ୟା - ୨ । ମାର୍ଚ୍ଚ - ଏପ୍ରିଲ୍ ୨୦୨୩
Volume No. 01 | Issue No. 02 | March - April 2023

# ଯୁବକବି ବିକେଶ ସାହୁଙ୍କ ପହିଲିପୁଲକ : 'ବାପା ଓ ଅନ୍ୟାନ୍ୟ କବିତା'

■ ସ୍ୱର୍ଣ୍ଣପ୍ରଭା ଖଟୁଆ



ଗବେଷିକା, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ତକତପୁର, ବାରିପଦା

ଯୁବକବି ବିକେଶ ସାହୁ ସଂପ୍ରତି ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଓଡିଆ ଭାଷା ସାହିତ୍ୟରେ (କଳାବିଭୂଷଣ ଉପାଧି ନିମନ୍ତେ) ଗବେଷଣାରତ। କବିଙ୍କ ପ୍ରଥମ କବିତାସଂକଳନ 'ବାପା ଓ ଅନ୍ୟାନ୍ୟ କବିତା' ଷ୍ଟୋରୀମିରର୍ ପ୍ରକାଶନୀ ସଂସ୍ଥାଦ୍ୱାରା ପ୍ରକାଶିତ। ପୂର୍ବରୁ ଉକ୍ତି ରହିଛି ଗାଁ ପରିମଳ ଧୋବା ତୁଠରୁ। ଗାଁର ପରିବେଶକୁ ଯେପରି ଧୋବା ତୁଠରୁ ଅନୁଧ୍ୟାନ କରିହୁଏ ଠିକ୍ ସେହିପରି କବିଙ୍କ ବହିଟିକୁ ଖେଳାଇଦେଲେ ପ୍ରଥମରୁ ଦେଖିବାକୁ ମିଳେ ଉତ୍ସର୍ଗପତ୍ର। ଯାହାକି କବିଙ୍କ ବିରାଟ ହୃଦୟର ପରିଚୟ ପ୍ରଦାନ କରେ। କବି କେବଳ ନିଜ ବାପାଙ୍କୁ ବହିଟିକୁ ଉତ୍ସର୍ଗ କରି ନାହାନ୍ତି। ସେ ଉତ୍ସର୍ଗ କରିଛନ୍ତି ପୃଥିବୀର ସବୁ ବାପାମାନଙ୍କୁ ଯାହାକି ପାଠକର ମନକୁ ଖୁବ୍ ଆକର୍ଷିତ କରେ। ତା' ପରପୃଷ୍ଠାରେ କବି ନିଜ ମନର କଥା ଶବ୍ଦରେ ଉତ୍ତାରିଛନ୍ତି। ସେ କହିଛନ୍ତି, "ମୁଁ ସ୍ୱୀକାର କରେ ଯେ ଏହି ସଙ୍କଳନସ୍ଥ କବିତା ସବୁକୁ କବିତା କୁହାଯାଇନପାରେ। ମୋତେ ଯାହା ଲାଗେ ଏସବୁ ମୁଁ ଅନୁଭବୀ ଥିବା ମୋ ଆବେଗ ।" ପାଠକପଣରେ ମୁଁ ଏତିକି କହିବି କବିତା ଆଉ କଣକି ମନର ରଡ ନିଆଁ କିବା ସମୁଦ୍ର ଢେଉ ପରି ଶୀତଳତା ହିଁ ତ କବିତା।

"ବାପା ଓ ଅନ୍ୟାନ୍ୟ କବିତା" ସଙ୍କଳନରେ ଚାଳିଶଟି କବିତା ସ୍ଥାନ ପାଇଛି। ପ୍ରତ୍ୟେକ କବିତାର ଶୀର୍ଷକ ବାପା ରଖିନାହାନ୍ତି କବି କିନ୍ତୁ ପ୍ରତ୍ୟେକ କବିତାର ପ୍ରାଣରେ ବାପାଙ୍କୁହିଁ ଖୋଜିପାଇବେ ପାଠକେ। ସଙ୍କଳନରେ ସ୍ଥାନିତ କବିତାଗୁଡିକ ହେଉଛି –'ବାପାଙ୍କୁ ନେଇ ତିନୋଟି କବିତା', 'ବାପାଙ୍କ ଚପଲ', 'ବାପାଙ୍କ ହାତ ଘଣ୍ଟା', 'ବାପାଙ୍କ ପାଦ', 'ବାପାଙ୍କ କାମିଜ', 'ବାପାଙ୍କ ଗାମୁଛା', 'ବାପାଙ୍କ ଛାତି', 'ବାପାଙ୍କ

ହାତ', 'ବାପା ମୁଁ ବଡ ହୋଇଯାଇଛି','ଶୀତ ଆଉ ବାପା', 'ଲଣ୍ଠନ ଓ ବୋଉ', 'ଯୁଦ୍ଧ, ରାତି', 'ମାଟିକାନ୍ଥ', 'ଲକଡାଉନ', 'ନ୍ୟାୟ', 'ଲଣ୍ଠନ', 'ଅନ୍ୟ ଏକ ମୃତ୍ୟୁ', 'ସେ ଲଢେ', 'ମୁକ୍ତି', 'ଦାଗ', 'ଅଭିଶପ୍ତ', 'ଆଉ ଗୋଟେ ପୃଥିବୀ', 'ତୋତେ ଫେରିବାକୁ ହେବ', 'ବତୁରା ସ୍ୱପ୍ନ', 'ସ୍ୱପ୍ନ ସବୁ ମାଟି ହେବା ପରେ', 'ମୁଁ ମରିଗଲା ପରେ', 'ମୁଖା', 'ଜେଜୀ', 'ମୁଁ ରକ୍ତ ବିକେ', 'ନିଜ ସହ ସାମ୍ନା', 'ଦଂଶନ', 'ପୁନରପି ଦଂଶନ', 'ହିସାବ', 'ବିକଳାଙ୍ଗ', 'ମୋହମୁକ୍ତି', 'ସେତେବେଳକୁ', 'ଆତ୍ମଦାହ', 'କାନଭାସରେ ଜୀବନ', 'ମଗ୍ନମାଟି' ପ୍ରଭୃତି।

ସଙ୍କଳନସ୍ଥ ପ୍ରଥମ କବିତା 'ବାପାଙ୍କୁ ନେଇ ତିନୋଟି କବିତା' ର ପ୍ରଥମ କବିତାଟି ଖୁବ୍ ଚମତ୍କାର ମନେହୁଏ। ବାପାମାନେ ସନ୍ତାନ ମୁହଁରେ ହସଟିକେ ବୁଣିଦେବା ପାଇଁ ମହଣ ମହଣ ଯନ୍ତ୍ରଣାର ଚାଦର ଘୋଡାଇ ହୋଇ ମିଛ ସୁଖର ଅଭିନୟ କରିବାରେ ଖୁବ୍ ମାହିରୀ। ବାସ୍ତବ ମଣିଷ ପାଇଁ ଅଭିନୟଯେ ଏକ ହାସ୍ୟସ୍ପଦ ବ୍ୟାପାର ବାପା ଜାଣିକିବି ଅଜଣା ସାଜନ୍ତି। ବାରମାସରେ ତେରମାସର ସମ୍ଭାର ନେଇ ବାପା ନିଇତି ଆସନ୍ତି କିନ୍ତୁ ବାପାଙ୍କ ଜୀବନରେ ଗୋଟିଏ ସମ୍ଭାର ପ୍ରତ୍ୟେକଦିନ ଡେଉ ମାରେ ତାହା ଦୁଃଖର ସମ୍ଭାର। କବି ବାପାଙ୍କ ହୃଦୟର ସେ ଜଖମକୁ ହୃଦୟଙ୍ଗମ କରିଛନ୍ତି। ସେ ଜଖମରେ ଭକ୍ତିର ମଲମ ଲଗାଇ ବାପାଙ୍କୁ ପ୍ରତ୍ୟେକ୍ଷ ଈଶ୍ୱର ଭାବରେ ଚିତ୍ରଣ କରିଛନ୍ତି। କବିଙ୍କ ଭାଷାରେ-"ଯେତେଥର ତୁମ ପାଦ ଛୁଇଁଛି ମୁଁ /ମୋ ମୁଣ୍ଡ ଉପରେ ହାତ ରଖି ତୁମେ କୁହନା /ଈଶ୍ୱର ତୋର ମଙ୍ଗଳ କରନ୍ତୁ/ ହେଲେ ମୁଁ ଚାହେଁନା/ ସେ ଅଦୃଷ୍ଟ ଈଶ୍ୱରଙ୍କ କୃପା ବିନ୍ଦୁ /କାହିଁକି ଜାଣ/ ମୁଁ ନମାଗିବା ପୂର୍ବରୁ ହିଁ ତ /ମୋତେ ତୁମେ ଜାଚି ଦେଇଛ /ମୋ ଇପ୍ସିତ ବରସବୁ ।"

ସବୁ ଆପଣାର ଭିତରେ କେହି କେହି ଅତି ଆପଣାର ସାଜିଥାନ୍ତି। ଆମ ଶରୀରକୁ ସୁରକ୍ଷା ଦେଇ ସେ ନିଜେ କ୍ଷତାକ୍ତ ହୋଇଥାନ୍ତି। ଏହି ପରିପ୍ରେକ୍ଷୀରେ 'ବାପାଙ୍କ ଚପଲ' କବିତାଟି ପାଠକର ମନକୁ ଖୁବ୍ କ୍ଷତାକ୍ତ କରେ। ପାଦର ଯନ୍ତ୍ରଣାକୁ ହାଲକା କରିବା ପାଇଁ ପାଦ ଆପଣେଇ ନିଏ ସେଇ ଛିଣ୍ଡାଦଦରା ଚପଲ ହଳକ। ବାପାଙ୍କର ସାରାଦିନର ବୋଝକୁ ସେ ଖୁବ୍ ସହଜରେ ଆପଣେଇ ନିଏ ବିନା ସ୍ୱାର୍ଥରେ। ଚପଲ କେବେ ନିଜ ଜରାଜୀର୍ଣ୍ଣ ଅବସ୍ଥା ପାଇଁ ବ୍ୟାକୁଳ ନୁହେଁ ବରଂ ବାପାଙ୍କ ପାଦହଳକ ପାଇଁ ସେ ବ୍ୟତିବ୍ୟସ୍ତ। ବାପା କେବେ ତାର ଅବସ୍ଥାକୁ ଦେଖିନାହାନ୍ତି କିନ୍ତୁ ତାର ଆନ୍ତରିକତା ପାଇଁ ବାପାଙ୍କ ଆଖିହଳକ ଛଳଛଳ ହୋଇଯାଏ।

ସମୟ ସହ ସାଲିସ କରି ମଣିଷ ସଂସାର ଗଢିବା ଶିଖେ। ଘଣ୍ଟାର କଣ୍ଟାଗୁଡିକ ମନରେ ଫୋଡି ହୋଇ ଦାୟିତ୍ୱ ଓ କର୍ତ୍ତବ୍ୟର ଚେଙ୍କା ଦିଅନ୍ତି। 'ବାପାଙ୍କ ହାତ ଘଣ୍ଟା' କବିତାରେ ବାପାଙ୍କ ହାତରେ ଝୁଲୁଥିବା ଘଣ୍ଟାଟି କିପରି ଜୀବନର ସୁଅରେ ପଥର ପଡୁ ଅବା ପତର ପଡୁ ତାକୁ ଖାତିର ନକରି କିପରି ଆଗକୁ ଦୌଡିବାକୁ ହୁଏ ତାହା ପ୍ରତି ମୁହୂର୍ତ୍ତରେ ଶିଖାଇ ଚାଲିଥାଏ। ବାପାବି ଖୁବ୍ ଜୋରରେ ଦୌଡିଚାଲିଥାନ୍ତି ସେ ଘଣ୍ଟାର ଶବ୍ଦ ସହ ତାଳ ମିଳେଇ। କବିଙ୍କ ଭାଷାରେ- "ଯେଉଁଠି ବାପା ଖଞ୍ଜି ଦେଇଛନ୍ତି ନିଜକୁ /ଉଠିବାଠୁ ଶୋଇବା ଯାଏଁ /ଆଉ ଶୋଇବା ଠୁଁ ଉଠିବାଯାଏଁ /ପ୍ରତିଟି ସମୟରେ ତାଙ୍କର ନଜର /ହାତ ଘଣ୍ଟାର ପ୍ରତିଟି କଣ୍ଟା ଉପରେ ।"

'ବାପାଙ୍କ ପାଦ' କବିତାରେ କବି ହଳେ ଶକ୍ତ ପାଦର ଚିତ୍ରଣ କରିଛନ୍ତି। ସେ ପାଦହଳକ କେବେ ଥକିପଡେନି ଜୀବନ ରାସ୍ତାରେ ଚାଲିଚାଲି। ସବୁ ପରିସ୍ଥିତିରେ ସେ ପାଦ ନୂଆ ନୂଆ ରାସ୍ତା ତିଆରି କରୁଥାଏ ବାପାଙ୍କ ପାଇଁ। ବାପାଙ୍କ ସଂସାରର ଭାରକୁ ଖୁବ୍ ସହଜରେ ଗ୍ରହଣ କରିନିଏ ସେ ପାଦ। ସବୁ ବିଫଳତାକୁ ପାଦତଳେ ଚାପିଦେଇ ସଫଳତାର ସ୍ୱାଦ ଚଖାଏ ସେ ପାଦହଳକ।

ବାପାଙ୍କ ଶରୀରର ଖୋଳପା ସାଜି ସେ ଦିନତମାନ ସୁରକ୍ଷା ଦେଇଥାଏ। 'ବାପାଙ୍କ କାମିଜ' କବିତାରେ କବି ବାପାଙ୍କର ପୋଷାକର ବର୍ଣ୍ଣନା କରିଛନ୍ତି। ବୈଶାଖର ଝାଞ୍ଜି ହେଉ ଅବା ଆଷାଢର ମୁଷଳଧାରାର ବର୍ଷା କିବା ମାଘମାସର ବାଘପରି ଶୀତରେ ବାପାଙ୍କ ଚିର ସହଚରୀ ସାଥୀ ସାଜିଥାଏ ଏ କାମିଜ ଖଣ୍ଡିକ। ବାପାଙ୍କ ପରିଶ୍ରମର ପରିଣତି ସ୍ୱରୂପ ତାଙ୍କ ଦେହରୁ ବହିଆସୁଥିବା ଲୁଣିଆ ଝାଳର ଧାରକୁ ସେ ଖୁବ୍ ସହଜରେ ଶୋଷିନିଏ ତା' ଆପଣାପଣରେ। ଦିନସାରାର ମାଟି, ଗୋଡି, ଇଟା, ପଥରର ସଂଘର୍ଷମୟ ଜୀବନ ଭିତରୁ ବାହାରି ବାପା ଯେବେ ଘରମୁହାଁ ହୁଅନ୍ତି ସେ କାମିଜର ପକେଟରୁ ବାହାରିପଡେ କେଇଖଣ୍ଡ ଲୋଚାକୋଚା ଝାଳମିଶା ମୂଲ୍ୟବାନ କାଗଜ। ବାପା ଯେତେବେଳେ ବିଶ୍ରାମ ନିଅନ୍ତି ସେ ବି ବିଶ୍ରାମ ନିଏ ମାଟି କାନ୍ଥ ଛାତିରେ ଟଙ୍ଗା ହୋଇଥିବା ଲୁହାକଣ୍ଟା ଉପରେ।

'ବାପାଙ୍କ ଛାତି'କବିତାରେ ଏ ଛାତି ପ୍ରତ୍ୟେକ ସନ୍ତାନ ପାଇଁ ମାଟି ଓ ଆକାଶର ଠିକଣା ସାଜେ। ଏ ଛାତି ବିଶ୍ୱାସ ଓ ଭରସାର ଜଳ ଛିଞ୍ଚି ସୁଖର ଫସଲ ଫଳାଏ। ସେ ଛାତି କୋହ ସହି ମୋହ ବାଣ୍ଟିବାରେ ପାଏ ଆତ୍ମତୃପ୍ତୀ। ସନ୍ତାନ ମୁହଁରେ ହସ ଟିକେ ଫୁଟାଇବା ପାଇଁ ବାପା ନୀଳକଣ୍ଠ ସାଜି ଆକଣ୍ଠ ପାନ କରିଦିଅନ୍ତି ହଳାହଳ ଦୁଃଖ ସବୁକୁ। କବିଙ୍କ ଭାଷାରେ-"ସତରେ ସେତ ଛାତି ନୁହଁ / ମୋ ଆକାଂକ୍ଷିତ କ୍ଷୁଦ୍ର ପୃଥିବୀର /ସେ ହି ତ /ସୁରକ୍ଷାର ଅଭେଦ୍ୟ ବଳୟ ।"

ପରିବାରର ସୁଖହିଁ ତାଙ୍କ ସୌଭାଗ୍ୟ ଏତିକି ବୁଝଥାନ୍ତି ବାପା। 'ବାପାଙ୍କ ହାତ' କବିତାରେ କବି ବାପାଙ୍କ ଦିନସାରାର ଦରଜ ଓ କରଜର କଥା ଲେଖିଛନ୍ତି। ପରିବାର ସଦସ୍ୟଙ୍କ ପେଟ ଓ ପିଠିର ଭାର ବାପାଙ୍କ ଉପରେ ନିର୍ଭର କରେ। ସେ ହାତଦୁଇଟି ଖୁବ୍ ଶକ୍ତ ବା ଟାଣ। କଣ୍ଟା ପଥରର ଜଖମ ତାକୁ ଯନ୍ତ୍ରଣା ଦେଇପାରେନା। ସେ ହାତ ଦୁଇଟି ବାପାଙ୍କୁ ଅଭାବ ଅନଟନ ଭିତରେବି ସ୍ୱାଭିମାନୀ କରି ଗଢିତୋଳେ।

ସଂକଳନର ଶେଷ କବିତା 'ମଗ୍ନମାଟି'କବିତାରେ କବି ମନୁଆକୁ ବାପାଙ୍କର ପ୍ରତୀକ ଭାବରେ ଗ୍ରହଣ କରିଛନ୍ତି। ବିନାସ୍ୱାର୍ଥରେ ନିଜ ସର୍ବସ୍ୱ ଅଜାଡି ଦେଇ ଆନନ୍ଦିତ ହୋଇ ନିଜ ସର୍ବସ୍ୱ ଅଜାଡି ଦେଇ ଆନନ୍ଦିତ ହେଉଥିବା ବ୍ୟକ୍ତି ଜଣକ କେବଳ ବାପାହିଁ ହୋଇପାରନ୍ତି। ପ୍ରତ୍ୟେକଦିନ ନିଜ ସ୍ୱପ୍ନକୁ ଖଣ୍ଡ ଖଣ୍ଡ କରି ଯିଏ ଅନ୍ୟର ସ୍ୱପ୍ନ ଗଢନ୍ତି ସେହିଁ ବାପା। ବୈଶାଖର ଖରା,ଶ୍ରାବଣର ଧାରା,ମାଘର ଶୀତକୁ ଖାତିରି ନକରି ହଳ ଲଙ୍ଗଳ ଓ ବଳଦ ହଳକୁ ସାଥୀରେ ନେଇ ପ୍ରତ୍ୟେକଦିନ ମନୁଆ ବାହାରିଯାଏ ମାଟି ସହ ମାଟି ହେବାକୁ। ସେହି ମାଟିରେ ତା ସ୍ୱପ୍ନର ମଞ୍ଜି ବୁଣି ଯେତେବେଳେ ସେ ବିଫଳତାର ସ୍ୱାଦ ଚାଖେ। ତଥାପି ସେ ହାର ମାନେନି। ପୁନର୍ବାର ସେ ଅଣ୍ଟା ଭିଡେ ନୂଆ ସ୍ୱପ୍ନର ଅଭିମୁଖେ। ତା ଉଜୁଡା କ୍ଷେତରେ ସଜଡା ଭବିଷ୍ୟତକୁ ନେଇ।

ପରିଶେଷରେ ଏତିକି କହିବି କବିଙ୍କର କବିତାଗୁଡିକ ଖୁବ୍ ମନଛୁଆଁ। ସମାଜର ପ୍ରତ୍ୟେକ ସନ୍ତାନ ବାପାଙ୍କୁ ଚିହ୍ନିଛନ୍ତି। ବାପାଙ୍କ ନାଁରେ ପରିଚିତ ହୋଇଥାନ୍ତି କିନ୍ତୁ ଯୁବକବି ବିକେଶ ସାହୁ ବାପାଙ୍କ ହୃଦୟକୁ ଚିହ୍ନିଛନ୍ତି, ମନକୁ ପଢିଛନ୍ତି। ବାପାଙ୍କ ଅବସ୍ଥାକୁ ଦେଖିଛନ୍ତି। ଯାହା ତାଙ୍କ କବିତାର ପଂକ୍ତିରେ ପାଠକେ ଉପଲବ୍ଧି କରିପାରିବେ ।

●

ସା।କ୍ଷା।ତ।କା।ର

# ବାଗୀଶ ବରେଣ୍ୟ

ପ୍ରତିଶ୍ରୁତି ସ୍ୱରୂପ ବାଗୀଶର ଚଳିତ ସଂଖ୍ୟାର '**ବାଗୀଶ ବରେଣ୍ୟ**'ରେ ଆମେ ଆପଣମାନଙ୍କୁ ଭେଟି ଦେଉଛୁ ବିଶିଷ୍ଟ ସମାଲୋଚକ **କଇଳାଶ ପଟ୍ଟନାୟକ**ଙ୍କ ସହ ସ୍ୱତନ୍ତ୍ର ସାକ୍ଷାତକାର।



କଇଳାଶ ପଟ୍ଟନାୟକ

୧. ସାହିତ୍ୟରେ ଆଲୋଚନା ବା ସମାଲୋଚନା କହିଲେ ଆପଣ କ'ଣ ବୁଝନ୍ତି ?

ଉତ୍ତର : ସମାଲୋଚନାର ଅର୍ଥ ହେଲା ବିସ୍ତାରିତ ଆଲୋଚନା। ସାହିତ୍ୟ କୌଣସି କୃତି, ଲେଖକ, ଯୁଗଧର୍ମ ବା ଅନ୍ୟକୌଣସି ସ୍ୱାତନ୍ତ୍ର୍ୟକୁ ଚିହ୍ନେଇବାକୁ ଯାହା ଲେଖାଯାଇଥାଏ ତାହା ମଧ୍ୟରେ ସମାଲୋଚନା ପ୍ରମୁଖ। ସମାଲୋଚନା ଦ୍ୱାରା ସାହିତ୍ୟକୁ ଚିହ୍ନି ତା'ର ଅର୍ଥ ବ୍ୟାଖ୍ୟା କରି ସମାଲୋଚକ ପାଠକଙ୍କୁ ଜଣାଇଥାଏ। ଲେଖକର ସମସ୍ତରୀୟ ବୌଦ୍ଧିକ ପର୍ଯ୍ୟାୟକୁ ଯାଇପାରିଲେ ସମାଲୋଚନା ହୁଏ ଯଥାର୍ଥ। ଏଥି ପାଇଁ ଲୋଡ଼ା ତୀକ୍ଷଣ ଅନୁଶୀଳନ, ପର୍ଯ୍ୟବେକ୍ଷଣ ଓ ମନନ। ସମାଲୋଚକ ନିଜକୁ ଏସବୁରେ ଅଭ୍ୟସ୍ତ କରାଇପାରିବା ଦ୍ୱାରା ସଫଳତା ହାସଲ କରିପାରିଥାଏ। ସାହିତ୍ୟର ଅନ୍ତର୍ନିହିତ ସତ୍ୟକୁ ଆବିଷ୍କାର କରି ଲୋକରେ ଜଣାଇବା ହିଁ ସମାଲୋଚନା।

୨. ଅଦ୍ୟାବଧି ଆପଣଙ୍କର ଅନେକ ଆଲୋଚନାତ୍ମକ ଲେଖା ଓଡ଼ିଶା ଓ ଓଡ଼ିଶା ବାହାରେ ଅନେକ ପ୍ରସିଦ୍ଧ ପତ୍ରପତ୍ରିକାରେ ପ୍ରକାଶିତ ହୋଇ ସାରିଛି। ଏପରିକି ଆପଣଙ୍କ ଅନେକ ଆଲୋଚନାତ୍ମକ ପୁସ୍ତକ ମଧ୍ୟ ପ୍ରକାଶିତ। ତେବେ ଆପଣ ନିଜର ଆଲୋଚନାରେ କେଉଁ ଦିଗ ପ୍ରତି ବିଶେଷ ଗୁରୁତ୍ୱ ଦେଇଥାନ୍ତି ଓ କାହିଁକି ?

ଉତ୍ତର : ସମାଲୋଚନାର ମୂଳଧର୍ମ ଯଦି କୃତିରେ ଅନ୍ତର୍ନିହିତ ସତ୍ୟ ଉଦଘାଟନ, ତାହା କରିବାକୁ ମୁଁ ଚେଷ୍ଟା କରିଥାଏ। ସେ ସତ୍ୟ ମୋର

ବିଶ୍ୱାସ, ମନନ ଓ ସଂଗୃହୀତ ତଥ୍ୟ ବା ବ୍ୟାଖ୍ୟା ଉପରେ ନିର୍ଭରଶୀଳ ହୋଇଥାଏ। ଅନେକ ସମୟରେ ଏ ସତ୍ୟ ଯେ ସର୍ବଜନ ସ୍ୱୀକୃତ ହେବ ତାହା ଆଶା କରିବା ବିଡ଼ମ୍ବନା ମାତ୍ର! ସମାଲୋଚନାର ବ୍ୟାପ୍ତି ପାଇଁ ବିଭିନ୍ନ ଭାଷାଭାଷୀ ସାହିତ୍ୟର ଉଦାହରଣ ପ୍ରସଙ୍ଗତଃ ଆଣିଥାଏ। ଏଥିରେ ପାଠକ ସମଧର୍ମୀ ବିକାଶ ବା ବିନ୍ୟାସ ଅନ୍ୟଭାଷାରେ କିପରି ଅଛି ତାର ଏକ ଧାରଣା କରିପାରିଥାଏ। ମୋର ସମାଲୋଚନା ବାଧ୍ୟବାଧକତା ସୃଷ୍ଟି ନୁହେଁ, ମୋତେ ପ୍ରେରିତ କରି ପରିସୃଷ୍ଟ।

**୩. ଆପଣ ଦୀର୍ଘ ସମୟ ଧରି ଆଲୋଚନା ସାହିତ୍ୟ କ୍ଷେତ୍ରରେ ସକ୍ରିୟ ଅଛନ୍ତି। ଏମିତିକି ଆପଣ ଓଡ଼ିଆ ସମାଲୋଚନା ସାହିତ୍ୟର ବଦଳୁଥିବା ଗତିଧାରାକୁ ଦେଖିଛନ୍ତି। ତେବେ ଆମେ ଜାଣିବାକୁ ଚାହିଁବୁ, ବିଗତ ଦଶନ୍ଧିର ସମାଲୋଚନା ସାହିତ୍ୟ ଓ ବର୍ତ୍ତମାନର ସମାଲୋଚନା ସାହିତ୍ୟ ମଧ୍ୟରେ କେଉଁ ସବୁ ପରିବର୍ତ୍ତନ ଲକ୍ଷ୍ୟ କରନ୍ତି ?**

ଉତ୍ତର : ଗୋଟିଏ ଦଶନ୍ଧି ସାହିତ୍ୟର ଗତିବଦଳର ସଂକ୍ଷିପ୍ତ ସମୟଟିଏ। ଏପରି ଭାବରେ ଗଣନା କରି କହିବା ଅର୍ଥ ସତ୍ୟକୁ ବିପର୍ଯ୍ୟସ୍ତ କରାଇବା। ତେବେ ଏଇ କେଇ ଦଶନ୍ଧି ପୂର୍ବରୁ ଆମ ସାହିତ୍ୟରେ ଇଉରୋପୀୟ ସାହିତ୍ୟ-ଧାରଣା ସହ ନିଜ ସାହିତ୍ୟର ଅନୁଶୀଳନର ଆଗ୍ରହ, ଊନବିଂଶ ଶତାବ୍ଦୀ ଓ ବିଂଶ ଶତାବ୍ଦୀର ସନ୍ଧିସ୍ଥଳର ଅର୍ଥାତ୍ ଆଧୁନିକ ଓଡ଼ିଆ ସାହିତ୍ୟର ଉନ୍ମେଷ ପର୍ଯ୍ୟାୟର ସାହିତ୍ୟର ଉପଯୁକ୍ତ ସଂପାଦନା ଓ ଶୁଦ୍ଧପାଠ ପ୍ରସ୍ତୁତି, ତଥା ସାହିତ୍ୟକୁ ଆତ୍ମୀୟଭାବେ ପର୍ଯ୍ୟବେକ୍ଷଣ କରି ସ୍ୱାନୁଭୂତି ମନ୍ତ୍ରୟରୂପରେ ପ୍ରକାଶ କରିବାର ଯେଉଁ ସର୍ଜନଶୀଳ ସାହିତ୍ୟ ସମାଲୋଚନାର ଧର୍ମ - ତାହା ବିଂଶ ଶତକର ଶେଷ ଭାଗରୁ ଏପର୍ଯ୍ୟନ୍ତ ଆମ ସାହିତ୍ୟ ସମାଲୋଚନାର ଧରାବଦଳ କରାଇବାରେ ନିର୍ଣ୍ଣାୟକ ଭୂମିକା ନେଇଛି।

**୪. ବର୍ତ୍ତମାନ ସମୟରେ ଅନେକ ମୌଳିକ ସାହିତ୍ୟ ସୃଷ୍ଟି ହେଉଛି। ଯାହାର ସଂଖ୍ୟା ସମାଲୋଚନା ସାହିତ୍ୟ ଅପେକ୍ଷା ଖୁବ୍ ବେଶୀ। ଏ ଭିଡ଼ ଭିତରେ ସମାଲୋଚନା ସାହିତ୍ୟ ଅଣନିଶ୍ୱାସୀ ହେଲା ଭଳି ମୋର ପ୍ରତୀତ ହୁଏ। ଏ କ୍ଷେତ୍ରରେ ଆପଣଙ୍କ ମତ କ'ଣ ?**

ଉତ୍ତର : ଏହା ଖୁବ୍ ସୁନ୍ଦର ନିରୀକ୍ଷଣର ନମୁନା। ସାହିତ୍ୟର ମୁଦ୍ରଣ ଓ ପ୍ରକାଶନ ଏ କମ୍ପ୍ୟୁଟର ଯୁଗରେ ସହଜସାଧ୍ୟ ହୋଇଥିବାରୁ ପୁଣି ସର୍ଜନଶୀଳ ସାହିତ୍ୟ ସ୍ରଷ୍ଟା ଯୁଗେଯୁଗେ

## ସଂକ୍ଷିପ୍ତରେ ପରିଚୟ

ଜନ୍ମ -୧୯୫୭
ଜନ୍ମସ୍ଥାନ-ବଲାଙ୍ଗୀର

**ସମାଲୋଚନା ପୁସ୍ତକ:**
ଓଡ଼ିଆ ଉପନ୍ୟାସର ସମାଜତତ୍ତ୍ୱ (୧୯୮୮)
ଲୋକ ସାହିତ୍ୟ ଚର୍ଚ୍ଚା(୧୯୮୯)
ଗଳ୍ପ ବନାମ ଗଳ୍ପ(୧୯୯୮)
ଶବ୍ଦରେ ମୃଗୟା(୨୦୦୩)

**ସମ୍ପାଦନା:**
ଫକୀର ମୋହନ ଦୁଷ୍ପ୍ରାପ୍ୟ ରଚନାବଳୀ(୧୯୯୮)
ପ୍ରବନ୍ଧବଳୟ (୧୯୯୮)
A Man without Mook(୧୯୯୮)
ଗଳ୍ପମାଳା(୧୯୯୯),(ଫକୀରମୋହନଙ୍କ ଗଳ୍ପର ସମ୍ପାଦିତ ପାଠ)
ପ୍ରହରାଜଙ୍କ ଦୁଷ୍ପ୍ରାପ୍ୟ ଗଦ୍ୟରଚନା (୨୦୦୦)
Jhon Beames: Eassys On Orissan History and Literature(୨୦୦୪)
ଉପନ୍ୟାସମାଳା (୨୦୦୬,ଫକୀରମୋହନଙ୍କ ଉପନ୍ୟାସଗୁଡ଼ିକର ସମ୍ପାଦିତ ପାଠ)
ଉତ୍କଳକାହାଣୀ (୨୦୦୬)(ପ୍ରଥମ ଲୋକକାହାଣୀ ସଂଗ୍ରହର ସମ୍ପାଦିତ ରୂପ)
ଫକୀରମୋହନ ଦର୍ପଣ (୨୦୦୭)(ଫକୀରମୋହନଙ୍କ ସମ୍ପର୍କୀୟ ସମାଲୋଚନାତ୍ମକ ଏବଂ ସୃଜନାତ୍ମକ ଲେଖାର ବିସ୍ତାରିତ ତାଲିକା)
ଓଡ଼ିଶାର ଲୋକକାହାଣୀ(୨୦୦୮)
ଲଳିତାପାଲା(୨୦୦୯)(ଉତ୍ତର ଓଡ଼ିଶାର ଏକ ଲୋକନାଟକର ସମ୍ପାଦିତ ରୂପ)
Indian Language and Culture: A Debate (୨୦୧୮)
ଆକାଂକ୍ଷୀ ଭାରତୀୟ ଭାଷା ଏବଂ ସଂସ୍କୃତି (୨୦୧୮)
Comparative Literature at the

ସାହିତ୍ୟ-ସମାଲୋଚକମାନଙ୍କଠାରୁ ଅଧିକ ହୋଇଥିବାରୁ - ସର୍ଜନଶୀଳ ସାହିତ୍ୟର ସଂଖ୍ୟା ବାଢୁଛି। ଯଦିଓ ଏସବୁ ବହିର ଉପଯୁକ୍ତ ପ୍ରସାରଣ ହେଉଛି ବୋଲି କହିବା ହେବ ସତ୍ୟର ଅପଳାପ। ଏ ସର୍ଜନଶୀଳ ପୁସ୍ତକ-ବନ୍ୟାରେ ସମାଲୋଚକଟିଏ ଯଦି ନିଜର ନିଷ୍ଠା ଓ ନିରାସକ୍ତି ବଜାୟରହିପାରେ ତେବେ ସେ ବନ୍ୟାଜଳରୁ ମୁକ୍ତା ସାଉଁଟି ନେଇପାରିବ। ଅଣନିଃଶ୍ୱାସୀ ହେବାକୁ ପଡ଼ିବ ନାହିଁ।

**୫. ଆପଣ ଓଡ଼ିଆ ସାହିତ୍ୟର ବିବିଧ ପ୍ରସଙ୍ଗ ଓ କ୍ଷେତ୍ରରେ ନିଜର ଲେଖନୀ ଚାଳନା କରିଆସିଛନ୍ତି। ତେବେ ଏସବୁ ମଧ୍ୟରୁ ସାହିତ୍ୟର କେଉଁ କ୍ଷେତ୍ରରେ(କବିତା, କଥା ସାହିତ୍ୟ, ଲୋକସାହିତ୍ୟ ଅନ୍ୟାନ୍ୟ) ଅଲୋଚନାତ୍ମକ ଲେଖା ପ୍ରସ୍ତୁତ କରିବାରେ ଆପଣଙ୍କୁ ଆନନ୍ଦ ମିଳେ ଓ କାହିଁକି ?**

ଉତ୍ତର : ମୋର ଲେଖନୀ ସାହିତ୍ୟର ନାନା ଦିଗକୁ ଗତି କରିଛି। ମାନବ ଚରିତ୍ରବିହୀନ ଉପନ୍ୟାସଟିଏ ସହ ପ୍ରାଚୀନ କାହାଣୀର ପୁନର୍ଗଠିତ ରୂପର ଆଧାରରେ ଲେଖା ଗଳ୍ପର କେତୋଟି ସଂକଳନ, ଫକୀରମୋହନ ଓ ଗୋପାଳଚନ୍ଦ୍ର ପ୍ରହରାଜଙ୍କ ଦୁଷ୍ପ୍ରାପ୍ୟ ରଚନାର ସଂଗ୍ରହ ଓ ସଂପାଦନା ପୁଣି ଲୋକ ସାହିତ୍ୟ ଓ ଆଧୁନିକ ସାହିତ୍ୟ ସମ୍ପର୍କୀୟ ସମାଲୋଚନା - ଏସବୁରେ ମୁଁ ମୋର ସରଜାନଶୀଳତା ଦେଖାଇବାରେ ଚେଷ୍ଟା କରିଛି। ତେବେ କେଉଁଥିରେ ମୁଁ ଅଧିକ ସ୍ୱଚ୍ଛନ୍ଦ ଓ କେଉଁଥିରେ ଅଧିକ ଆନନ୍ଦ ମିଳେ ତାହା କହିବା କଠିନ ! ନିଜଭିତରର ଅନୁପ୍ରେରଣାକୁ ନେଇ ତ ଏ ସବୁ ପରିପ୍ରକାଶ ହୁଏ - ତେଣୁ ଆନନ୍ଦ ସବୁରି ସୃଷ୍ଟିରେ ପାଏ ପୁଣି ନୂଆ କିଛି କରିବାର ଆଗ୍ରହ ଠିକ୍ ଠିକ୍ ଫୁଟାଇ ହେଇ ନାହିଁର ଦୁଃଖ ବି ସମାନ୍ତରାଳ ଭାବେ ମୋତେ ଆଚ୍ଛନ୍ନ କରେ।

**୬. ଜଣେ ବରିଷ୍ଠ ଆଲୋଚକ ଭାବେ ବର୍ତ୍ତମାନର ନୂଆ ପିଢ଼ିର ଅଲୋଚକମାନଙ୍କୁ ଆପଣ କ'ଣ ବାର୍ତ୍ତା ଦେବେ ?**

ଉତ୍ତର : ଆଜିକାଲି ବହି, ସେ ମୁଦ୍ରିତ ହେଉ ବା ଇଲେକଟ୍ରୋନିକ୍ - ପଢିବା ଆମର କମିଯାଇଛି। ନ ପଢିଲେ ସାହିତ୍ୟର ଧାରା ପ୍ରବାହକୁ ଜାଣିବା କଠିନ। ଅତଏବ ଧାରା, କୃତି ବି ଲେଖକକୁ ନ ଜାଣିଲେ ବା ଅଳ୍ପ ଜାଣିଲେ ସମାଲୋଚନା କରିବା କମିତି? ଅତଏବ ଆମେ ସମସ୍ତେ (ସେ ନୂଆ ହେଉ ଅବା ପୁରୁଣା ସମାଲୋଚକ) ପଢିବା ଆବଶ୍ୟକ।

(ଉପସ୍ଥାପିକା : ଅଧାପିକା ତୃପ୍ତିମୟୀ ଭୋଇ)

cross Roads of Culture and Society (୨୦୧୮)

**ଅନୁବାଦ:**
ଗୀତାଞ୍ଜଳି(୧୯୮୭)
ଶ୍ରୀୟଚଣ୍ଡାଳିନୀ (୨୦୦୯ ବଳରାମ ଦାସଙ୍କ ଲକ୍ଷ୍ମୀପୁରାଣର ବଙ୍ଗଳା ଭାଷାନ୍ତର )


**ଉପନ୍ୟାସ:**
ସ୍ଥାବର ଜଙ୍ଗମ(୨୦୦୭ ମନୁଷ୍ୟ ଚରିତ୍ର ବିହୀନ ଉପନ୍ୟାସ)

**ଗଳ୍ପ:**
ଏକଦା ଅନ୍ତରଙ୍ଗ(୧୯୮୧)
ଦକ୍ଷିଣ ପବନ(୧୯୮୬)
ଏକାଠି ଏକାଏକା (୧୯୯୦)
ଶୁଣ୍ ଅବୋଲକରା(୧୯୯୪)
ସତ ଏକସତ(୨୦୦୪)
ମାୟାମଣ୍ଡଳ(୨୦୧୧)
ବିନୋଦ ଦ୍ୱାଦଶ(୨୦୧୩)
ଶ୍ରେଷ୍ଠଗଳ୍ପ(୨୦୧୬)
ଇଶପର ଇନ୍ଦ୍ରଜାଲ(୨୦୨୧)

**ବିଦେଶ ଯାତ୍ରା:**
କେନିଆ (୨୦୦୦),
ବାଂଲାଦେଶ(୨୦୦୦),
ଅଷ୍ଟ୍ରେଲିଆ(୨୦୦୧), ନେପାଳ (୨୦୦୧, ୨୦୦୮), ମାଲେସିଆ(୨୦୦୪),
ଚୀନ(୨୦୧୧, ୨୦୧୫, ୨୦୧୬),
ତୁର୍କୀ(୨୦୧୭), ମାଲଦ୍ୱୀପ (୨୦୨୨), ୟୁ.ଏ.ଇ (୨୦୨୨),
ଇଣ୍ଡୋନେସିଆ(୨୦୨୩)

**ପୁରସ୍କାର:**
ପ୍ରଜାତନ୍ତ୍ର ପୁରସ୍କାର (୧୯୯୨)
କନ୍ହେଇ କଥା ସମ୍ମାନ(୧୯୯୭)
ହରେକୃଷ୍ଣ ସାହିତ୍ୟ ପୁରସ୍କାର (୨୦୦୮)
ଝଙ୍କାର ପ୍ରବନ୍ଧ ସମ୍ମାନ(୨୦୧୦)
ନିତ୍ୟାନନ୍ଦ ମହାପାତ୍ର ସମ୍ମାନ(୨୦୧୩)


# ନୂଆ ବହି




## ଗଳ୍ପ ନାୟିକା

(ଗଳ୍ପ ସଂକଳନ )

ଗାଳ୍ପିକ : ତ୍ରିଲୋଚନ କାର୍ଯ୍ୟୀ
ପ୍ରକାଶକ : ମ୍ୟାଜିକ ବକ୍ସ ପ୍ରକାଶନୀ, ରାୟଗଡ଼ା
ପ୍ରଥମ ପ୍ରକାଶ : ୨୦୨୩
ପୃଷ୍ଠା - ୯୪, ମୂଲ୍ୟ - ୧୧୯ ଟଙ୍କା




## ନିଷାଦର ନୈଶାଭିସାର

(ଗଳ୍ପ ସଂକଳନ )

ଗାଳ୍ପିକ : ହୃଷୀକେଶ ମହାରଣା
ପ୍ରକାଶକ : ବର୍ଷା ପବ୍ଲିକେଶନ
ପ୍ରଥମ ପ୍ରକାଶ : ୨୦୨୨
ପୃଷ୍ଠା - ୯୪, ମୂଲ୍ୟ - ୧୫୦ ଟଙ୍କା

ବାଗୀଶ

B.K House, Ground Floor  Women's College Lane
Nayagarh- 752069
E-mail : bageesha.magazine@gmail.com
Phone No. 9337166172

EDITOR : BIKESH SAHU